ଟିପ୍ପଣୀ

# ଏକକ ୬ ଆକଳନ ଓ ମୂଲ୍ୟାୟନ ଏବଂ ସମ୍ପର୍କିତ ସମସ୍ୟା

ସଂରଚନା


୬.୦. ଉପକ୍ରମ

୬.୧. ଶିକ୍ଷଣ ଉଦ୍ଦେଶ୍ୟ

୬.୨. କେତେକ ସାଧାରଣ ଭାବେ ବ୍ୟବହୃତ ପଦ

୬.୩. ମୂଲ୍ୟାୟନର ଧାରଣା

୬.୪. ଉଦ୍ଦେଶ୍ୟ ଏବଂ ନିର୍ଦ୍ଦିଷ୍ଟକରଣ

୬.୫. ମୂଲ୍ୟାୟନର ପ୍ରକାର ଭେଦ

୬.୬. ଆଭ୍ୟନ୍ତରିଣ ଆକଳନ

୬.୭. ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ

୬.୮. ପ୍ରତିକାରାତ୍ମକ ଓ ନିଦାନାତ୍ମକ ଶିକ୍ଷାଦାନ

୬.୯. ଜ୍ଞାନାତ୍ମକ, ଭାବାତ୍ମକ ଓ କୌଶଳାତ୍ମକ ଦିଗର ମୂଲ୍ୟାୟନ

୬.୧୦. ପିଲାମାନଙ୍କ ଧାରଣା, କୌଶଳ ଓ ମନୋବୃତ୍ତି ମୂଲ୍ୟାୟନର ଢାଞ୍ଚା ଗଠନ କରିବା

୬.୧୧. ସାରାଂଶ

୬.୧୨. ମୁଖ୍ୟ ବିନ୍ଦୁ ସମୂହ

୬.୧୩ ପରିଭାଷା / ସଂକ୍ଷେପଣ

୬.୧୪. ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


## ୬.୦. ଉପକ୍ରମ

ଏହି ପାଠରେ, ତୁମେ ବିଜ୍ଞାନର ସ୍ୱରୂପ ବିଷୟରେ ଯାହା ବି ଶିଖିଛ, ପ୍ରକ୍ରିୟାଭାବରେ ବିଜ୍ଞାନର ଗୁରୁତ୍ୱ କଣ ? ଏବଂ ବିଜ୍ଞାନ ଶିକ୍ଷାଦାନର ବିଭିନ୍ନ ପନ୍ଥାଗୁଡିକ କଣ ? ତୁମେ ଏହା ମଧ ପଢିଛ ଯେ ଶିକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ କେଉଁ ପ୍ରକାର ଶିକ୍ଷଣ ଅନୁଭୂତି ଯୋଜନା କରାଯିବ । ଏହିସବୁ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ ହେଲେ ମଧ, ଜଣେ ଶିକ୍ଷକ ହିସାବରେ ଶ୍ରେଣୀଗୃହରେ ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟାର ସଠିକ୍ତା ଓ ସଫଳତାକୁ ଜାଣିବା ନିତାନ୍ତ ଆବଶ୍ୟକ । ତେଣୁ ଏହି ଏକକରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଦିଗ ବିଷୟରେ ଆଲୋଚନା କରିବା – ଆକଳନ ଓ ମୂଲ୍ୟାୟନ ।

## ୬.୨. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପଢ଼ି ସାରିଲା ପରେ ତୁମେ ସକ୍ଷମ ହେବ :

- ପରିମାପନ, ଆକଳନ ଓ ମୂଲ୍ୟାୟନର ଧାରଣାକୁ ଅଲଗା କରିବାରେ ।
- ଉଦ୍ଦେଶ୍ୟ ଓ ନିର୍ଦ୍ଦିଷ୍ଟୀକରଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାରେ ଓ ବିଷୟ ବସ୍ତୁ (ପାଠ୍ୟ ବିଷୟ), ଶିକ୍ଷଣ ଅନୁଭୂତି ଓ ମୂଲ୍ୟାୟନ ସହ ସେଗୁଡିକର ସମ୍ପର୍କ ବର୍ଣ୍ଣନା କରିବାରେ ।

ଟିପ୍ପଣୀ

- ଶୈକ୍ଷିକ ଉଦ୍ଦେଶ୍ୟର ବର୍ଗୀକରଣକୁ ବର୍ଣ୍ଣନା କରିବା ଏବଂ ଉଦ୍ଦେଶ୍ୟ ଓ ନିର୍ଦ୍ଦିଷ୍ଟୀକରଣକୁ ତୁମ ବିଷୟ ତଥା ଶିକ୍ଷାଦାନ କରିବାକୁ ଥିବା ପ୍ରସଙ୍ଗ ଭିତ୍ତିକ ଭାବେ ଲେଖିବାରେ ।
- ଗଠନମୂଳକ ଓ ସମାପ୍ତସୂଚକ ମୂଲ୍ୟାୟନ ମଧ୍ୟରେ ତୁଳନା କରିବାରେ ।
- ଆନ୍ତଃ ଆକଳନ ଗୁରୁତ୍ୱର ଯଥାର୍ଥତା ପ୍ରତିପାଦନ କରିବାରେ ।
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ବୈଶିଷ୍ଟ୍ୟ ତଥା ଶିକ୍ଷାଦାନ- ଶିକ୍ଷଣରେ ଏହାର ବ୍ୟବହାରକୁ ବର୍ଣ୍ଣନା କରିବାରେ ।
- ପ୍ରତିକାରାତ୍ମକ ଓ ନିଦାନାତ୍ମକ ଶିକ୍ଷାଦାନର ଆବଶ୍ୟକତାକୁ ପ୍ରତିପାଦନ କରିବାରେ ।
- ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗର ମୂଲ୍ୟାୟନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବାରେ ।

ଆମେ ଯେକୌଣସି ଶିକ୍ଷଣକାର୍ଯ୍ୟର ଉପଯୋଗିତାକୁ ନିର୍ଣ୍ଣୟ କରିବା ପାଇଁ କିମ୍ବା ତାର ଗୁଣ ଓ ପ୍ରଭାବକୁ ଜାଣିବା ପାଇଁ ମୂଲ୍ୟାୟନ ଆବଶ୍ୟକ । ଏକ ଉତ୍ପାଦନକାରୀ ଏକକ କ୍ଷେତ୍ରରେ, ସମ୍ପୂର୍ଣ୍ଣ ହୋଇଥିବା ଦ୍ରବ୍ୟକୁ ଗୁଣବତ୍ତାର ପ୍ରକ୍ରିୟାକରଣ ମାଧ୍ୟମରେ ଯିବାକୁ ପଡିଥାଏ ଏବଂ ତାର ଗୁଣକୁ ତନଖିବାକୁ ପଡିଥାଏ ଯଦି କୌଣସି ତ୍ରୁଟି ଦେଖାଗଲା ସେହି ଖଣ୍ଡଟିକୁ ବାହାର କରିଦିଆଯାଏ । ଏହି ପ୍ରକ୍ରିୟାକୁ ପୁନଃ ତନଖି ଓ ପୁନଃ ଆକଳନ କରି ତାର ବିକାଶ କରାଯାଏ ଫଳରେ ଆଉ କୌଣସି ଜିନିଷ ଖରାପ ବା ତ୍ରୁଟି ହେବ ନାହିଁ । ଶିକ୍ଷା କ୍ଷେତ୍ରରେ ଆମେ ଗୁଣବତ୍ତାର ନିୟନ୍ତ୍ରଣ ପାଇଁ କଣ କରୁ ? ଶିକ୍ଷଣ ପ୍ରକ୍ରିୟା ଫଳପ୍ରଦ ହେବା ଆବଶ୍ୟକ ଏବଂ ଶେଷ ଫଳାଫଳଟି ଭଲ ହେବା ଉଚିତ୍ । କାରଣ ଆମେ ମଣିଷମାନଙ୍କ ସହିତ କାର୍ଯ୍ୟ କରୁଛେ (ଶିକ୍ଷାର୍ଥୀ), ତେଣୁ କୌଣସି ପ୍ରତ୍ୟାଖ୍ୟାନ ଆସିବା ସମ୍ଭବ ନୁହେଁ । ଏହି ପରିସ୍ଥିତିରେ ଉପଯୁକ୍ତ ଆକଳନ ଓ ମୂଲ୍ୟାୟନ ଫଳପ୍ରଦ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାକୁ ନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳ ପାଇଁ କରାଯାଇଥିବା ମୂଲ୍ୟାୟନକୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଉପଯୋଗିତା ଜାଣିବା ପାଇଁ ବ୍ୟବହାର କରାଯାଏ ।

## ୬.୨. ସାଧାରଣଭାବେ ବ୍ୟବହୃତ କେତେକ ପଦ

ଆମେ ବେଳେବେଳେ 'ଆକଳନ' ଓ 'ମୂଲ୍ୟାୟନ' ପଦ ଦୁଇଟିକୁ ଅଦଳବଦଳ ବା ସମାନ ଅର୍ଥରେ ବ୍ୟବହାର କରିଥାଉ । କିନ୍ତୁ ଏ ଦୁଇଟି ସମାନ ଅର୍ଥବୋଧକ କି? ଏ ଦୁଇଟି ଏକ ଜିନିଷକୁ ବୁଝାନ୍ତି କି? ଆସ ଆମେ ମୂଲ୍ୟାୟନର ଧାରଣାକୁ ବୁଝିବା ଓ ଏହା ଆକଳନଠାରୁ କିପରି ଭିନ୍ନ ଜାଣିବା । ଆମେ ଏବେ ସାଧାରଣଭାବେ ବ୍ୟବହାର ହେଉଥିବା କେତେକେ ପଦ ବିଷୟରେ ଜାଣିବା ଯେଉଁଗୁଡିକ ଶିକ୍ଷା କ୍ଷେତ୍ରରେ ମୂଲ୍ୟାୟନ ସହିତ ବ୍ୟବହାର ହୋଇଥାଏ ।

ପରୀକ୍ଷଣ - ପରୀକ୍ଷଣ ହେଉଛି ମୂଲ୍ୟାୟନର ଏକ ସାଧନୀ । ଏଥିରେ କେତେକ ପ୍ରଶ୍ନ ସେଟ୍ ଥାଏ ଯାହାକୁ ଶିକ୍ଷାର୍ଥୀମାନେ ଉତ୍ତର ଦିଅନ୍ତି । ଶିକ୍ଷକ ଏହି ଉତ୍ତରଗୁଡିକୁ ସଂଶୋଧନ କରନ୍ତି ଓ ଠିକ୍ ଉତ୍ତର ପାଇଁ ଏକ ସାଂଖ୍ୟିକ ମୂଲ୍ୟ ଦେଇଥାନ୍ତି । ଏହି ସାଂଖ୍ୟିକ ମୂଲ୍ୟକୁ 'ମାର୍କ' କୁହାଯାଏ ।

ପରିମାପନ - ଏହା ପରୀକ୍ଷାରେ ଶିକ୍ଷାର୍ଥୀର ଉପଲବ୍ଧିର ପରିମାଣକୁ ଦର୍ଶାଇଥାଏ ଯେହେତୁ ଏଥିରେ ଶିକ୍ଷାର୍ଥୀର ଉପଲବ୍ଧିକୁ ପରିପ୍ରକାଶ କରିବା ପାଇଁ ଏକ ସାଂଖ୍ୟିକ ମୂଲ୍ୟ ଥାଏ । ଏହା ଏକ ସାଂଖ୍ୟିକ ମୂଲ୍ୟଥିବା ବିଶେଷ ପରୀକ୍ଷା ଆଧାରରେ ଉପଲବ୍ଧିକୁ ମାପିଥାଏ ।

ଆମେ ଖିରର ପରିମାଣ, ଜଣେ ଲୋକର ଓଜନ କିମ୍ବା ଗୋଟିଏ ଦିନର ବୃଷ୍ଟିପାତକୁ ମାପିଥାଉ । ଏହି ଭୌତିକଗୁଣ ଯଥା - ଆୟତନ, ଓଜନ ଇତ୍ୟାଦି କେତେକ ମାପକ ଯନ୍ତ୍ର ଯଥା ମାପିବା ସିଲିଣ୍ଡର, ଓଜନ ଭାରଦଣ୍ଡ (ତରାଜୁ)

ଇତ୍ୟାଦି ବ୍ୟବହାର କରି ମପାଯାଇପାରିବ । କିନ୍ତୁ ଶୈକ୍ଷିକ କୃତି ଭଳି ଗୁଣ କ୍ଷେତ୍ରରେ ଆମେ ସେହିଭଳି ସଠିକ ମାପଯନ୍ତ୍ର ପାଇ ନଥାଉ । ଏଥିପାଇଁ ଆମକୁ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ପରୀକ୍ଷଣ ଉପରେ ନିର୍ଭର କରିବାକୁ ପଡିଥାଏ ।

ଆକଳନ - ଯେତେବେଳେ ଉପଲବ୍ଧରକୁ ଗୁଣାତ୍ମକ ଭାବରେ ପ୍ରକାଶ କରିବାକୁ ପଡେ ସେତେବେଳେ ଏହି ପଦଟି ବ୍ୟବହାର ହୋଇଥାଏ । ଏଠାରେ ଉପଲବ୍ଧର ଗୁଣକୁ ବର୍ଣ୍ଣନା କରାଯାଏ ।

ଏ ସମସ୍ତ ପଦ ମୂଲ୍ୟାୟନର ଧାରଣାକୁ ବୁଝିବା ପାଇଁ ଆବଶ୍ୟକ କିନ୍ତୁ ମୂଲ୍ୟାୟନ ସହ ସମାନ ନୁହଁନ୍ତି ।

**୬.୨.୧. ପଦଗୁଡିକର ସଂଜ୍ଞା**

ପରିମାପନ - କୌଣସି ମାପି ହେଉଥିବା ପଦାର୍ଥ ବା ଘଟଣାକୁ ପରିମାଣରେ ଦର୍ଶାଇବା ପାଇଁ ଏହା ହେଉଛି ଏକ ପ୍ରକ୍ରିୟା । ଷ୍ଟିଭେନଙ୍କ ଭାଷାରେ ବିଷଦଭାବେ କହିବାକୁ ଗଲେ ପରିମାପନ ହେଉଛି କୌଣସି ପଦାର୍ଥ କିମ୍ବା ଘଟଣାକୁ ଏକ ସାଂଖ୍ୟିକ ରୂପ ଦେବା ।

"ପରିମାପନ ହେଉଛି ନିୟମ ଅନୁଯାୟୀ ଅସ୍ତିତ୍ୱ ଗୁଡିକୁ ସଂଖ୍ୟାରେ ଦର୍ଶାଇବା" - Stufflebeam (1968)

"ପରିମାପନ" ହେଉଛି କେତେକ ନିୟମ ଓ ଧାରା ଯାହାଦ୍ୱାରା ଅସ୍ତିତ୍ୱଗୁଡିକୁ ସାଂଖ୍ୟିକ ରୂପ ଦିଆଯାଏ ଯେପରିକି ସେହି ସଂଖ୍ୟାଟି ତାର ପରିମାଣକୁ ବୁଝାଇବ" - ଶିକ୍ଷା ଭାଷାକୋଷ (୧୯୮୧)

ଆକଳନ - "ଆକଳନ ହେଉଛି କେତେକ ଗୁଣ, ପ୍ରକ୍ରିୟା ବା କାର୍ଯ୍ୟକ୍ରମକୁ ଗୁଣାତ୍ମକ ପଦରେ ବର୍ଣ୍ଣନା କରିବାର ଏକ ପଦ୍ଧତି । ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ପରିପ୍ରେକ୍ଷୀରେ ଏହା କରିବାକୁ ପଡିବ ।

ପରିମାପନ ଶିକ୍ଷାର୍ଥୀ ପ୍ରଗତିର ପରିମାଣାତ୍ମକ ବର୍ଣ୍ଣନା କଲାବେଳେ ଆକଳନ ଏହାର ଗୁଣାତ୍ମକ ବର୍ଣ୍ଣନା କରିଥାଏ । ମୂଲ୍ୟାୟନ ହେଉଛି ଏକ ବିସ୍ତାରିତ ପଦ ଯେଉଁଥିରେ ଉଭୟ ଆକଳନ ଓ ପରିମାପନକୁ ସମ୍ପୃକ୍ତ କରିଥାଏ ଏବଂ ଏହାର ଆହୁରି ଉର୍ଦ୍ଧ୍ୱକୁ ଯାଏ ।

ମୂଲ୍ୟାୟନ - "ଏହା ହେଉଛି ଏକ କାର୍ଯ୍ୟ ବା ପ୍ରକ୍ରିୟା ଯାହା ଏକ ମାପର ମୂଲ୍ୟ ବା ଆବଶ୍ୟକତାକୁ ବିଚାର କରିଥାଏ ।"

Stufflebeam ଓ ଅନ୍ୟମାନଙ୍କ ଭାଷାରେ (୧୯୬୮) "ମୂଲ୍ୟାୟନ ହେଉଛି ବିକଳ୍ପ ନିଷ୍ପତ୍ତି ବିଚାର କରିବା ପାଇଁ ଉପଯୋଗୀ ତଥ୍ୟ ବର୍ଣ୍ଣନା କରିବା, ହାସଲ କରିବା ଓ ପ୍ରଦାନ କରିବାର ଏକ ପ୍ରକ୍ରିୟା" ।

Patel(1984)ଙ୍କ କହିବା ଅନୁସାରେ ମୂଲ୍ୟାୟନ ହେଉଛି କୌଣସି ସୁବ୍ୟବସ୍ଥିତ ଧାରାବାହିକ ପ୍ରକ୍ରିୟା ଯାହା

- ପୂର୍ବରୁ ସ୍ଥିର କରାଯାଇଥିବା ଓ ଚିହ୍ନଟ କରାଯାଇଥିବା ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟଗୁଡିକ କେତେଦୂର ହାସଲ ହୋଇଛି କହିଥାଏ ।
- ଶ୍ରେଣୀଗୃହରେ ପ୍ରଦାନ କରାଯାଇଥିବା ଶିକ୍ଷଣ ଅନୁଭୂତିର ଫଳପ୍ରଦତା ଦର୍ଶାଇଥାଏ ।
- ଶିକ୍ଷାର ଲକ୍ଷ୍ୟ କେତେ ଦୂର ପୂରଣ ହୋଇଛି କହିଥାଏ ।

ଏହା ଭିତରେ ତୁମେ ଅନୁଭବ କରି ସାରିବଣି ଯେ ପରୀକ୍ଷଣ ହେଉଛି ଏକ ସାଧନୀ ଯାହା ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ଦକ୍ଷତାର ମୂଲ୍ୟାୟନକୁ ମାପ କରିବାରେ ସାହାଯ୍ୟ କରିଥାଏ ।

**ଶିକ୍ଷଣ କାର୍ଯ୍ୟ - ୧**

Q-୧. ଉପଯୁକ୍ତ ଉଦାହରଣ ମାଧ୍ୟମରେ ୧୦୦ଟି ଶବ୍ଦ ମଧ୍ୟରେ ପରୀକ୍ଷଣ, ପରିମାପନ ଓ ଆକଳନ ସାହାଯ୍ୟରେ ପାର୍ଥକ୍ୟ ଦର୍ଶାଅ ।

......................................................................................................................................

......................................................................................................................................

Q-୨. ଔପଚାରିକ ଭାବେ ବିଦ୍ୟାଳୟ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ସାହାଯ୍ୟରେ "ଶୈକ୍ଷିକ ମୂଲ୍ୟାୟନର" ଧାରଣକୁ ବର୍ଣ୍ଣନା କର ।

.................................................................................................................................

.................................................................................................................................

.................................................................................................................................

## ୬.୩ ମୂଲ୍ୟାୟନର ଧାରଣା

**ମୂଲ୍ୟାୟନର ଧାରଣାକୁ ନିମ୍ନଲିଖିତ ଭାବରେ ପ୍ରକାଶ କରାଯାଇପାରେ-**

ମୂଲ୍ୟାୟନ - ଶିକ୍ଷାର୍ଥୀ ଉପଲବ୍ଧିର ପରିମାଣାତ୍ମକ ମାପ + ଶିକ୍ଷାର୍ଥୀ ଉପଲବ୍ଧିର ଗୁଣାତ୍ମକ ବର୍ଣ୍ଣନା + ଶିକ୍ଷକଙ୍କ ଦ୍ୱାରା ମୂଲ୍ୟ ବିଚାର

ଏହାକୁ ଭଲଭାବେ ବୁଝିବା ପାଇଁ ନିମ୍ନୋକ୍ତ ଉଦାହରଣ ଉପରେ ଦୃଷ୍ଟି ଦିଅ ।

ରାଜୁ ସପ୍ତମ ଶ୍ରେଣୀରେ ପଢେ । ପ୍ରଥମ ଭାଗ ଶେଷ ଲିଖିତ ପରୀକ୍ଷାରେ ସେ ୮୯ ପ୍ରତିଶତ ମାର୍କ ପାଇଲା । ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣରୁ ଜଣା ପଡିଲା ଯେ ରାଜୁ ସମୟାନୁବର୍ତ୍ତୀ ଓ କାର୍ଯ୍ୟରେ ପରିଷ୍କାର । ସେ ଏକ ଆଗ୍ରହୀ ପଢାଳି ଏବଂ ତାର ଶୈକ୍ଷିକ ଦିଗ ଯଥା ରଚନା ଲିଖନ, ବକ୍ତୃତା, ଭାଷଣ ଆଦିରେ ଆଗ୍ରହ ରହିଛି । ସେ ଏହା ମଧ୍ୟ ଲକ୍ଷ୍ୟ କଲେ ଯେ ରାଜୁ ଅନ୍ୟ ଶିକ୍ଷାର୍ଥୀଙ୍କ ସହ ମିଳାମିଶା କରେ ନାହିଁ । ସେ ଦଳଗତ କାର୍ଯ୍ୟ ଅପେକ୍ଷା କୌଣସି କାର୍ଯ୍ୟକୁ ଯଥା ପ୍ରକଳ୍ପ କାର୍ଯ୍ୟକୁ ଏକାକୀ କରିବାକୁ ଚାହେଁ । କ୍ଷେତ୍ର ପରିଭ୍ରମଣ ବେଳେ ସେ ନିଜେ କିଛି ଆବିଷ୍କାର କରିବାକୁ ଚେଷ୍ଟାକରେ । ଏହାକୁ ଆଧାର କରି ଶିକ୍ଷକ ବିଚାର କଲେ ଯେ ରାଜୁର ଶୈକ୍ଷିକ ବିକାଶ ହୋଇଥିଲେ ମଧ୍ୟ ତାର ସାମାଜିକ ଓ ମାନସିକ ଗୁଣାବଳୀର ବିକାଶ ଆହୁରି ଆବଶ୍ୟକ ।

ଏହି ଉଦାହରଣରୁ ତୁମେ ଜାଣିଲ ଯେ ମୂଲ୍ୟାୟନ ହେଉଛି ଏକ ବିସ୍ତାରିତ ପଦ ଏବଂ ଏହା ପରିମାପନ ଓ ଆକଳନ ଠାରୁ ବହୁ ଉର୍ଦ୍ଧ୍ୱରେ । ଉଦାହରଣ ସ୍ୱରୂପ ଉପର ଉଦାହରଣରୁ ଶତକଡା ୮୯ ହେଉଛି ରାଜୁର ପରିମାଣାତ୍ମକ ବର୍ଣ୍ଣନା । ରାଜୁ ସମୟାନୁବର୍ତ୍ତୀ ଓ କାର୍ଯ୍ୟରେ ପରିଷ୍କାର ହେଉଛି ତାର ଗୁଣର ବର୍ଣ୍ଣନା । "ରାଜୁ ଶୈକ୍ଷିକ କାର୍ଯ୍ୟରେ ଆଗୁଆ ଅଛି କିନ୍ତୁ ସାମାଜିକ ଓ ମାନସିକ ଗୁଣାବଳୀର ଉନ୍ନତି ଆବଶ୍ୟକ ।"- ଏହା ହେଉଛି ଶିକ୍ଷକଙ୍କ ଦ୍ୱାରା ଗୁଣାବଳୀର ବିଚାର ।

ବର୍ତ୍ତମାନ ଆମେ ଡ଼. ପଟେଲ (୧୯୮୪) ଙ୍କ ଦତ୍ତ ମୂଲ୍ୟାୟନର ସଂଜ୍ଞାକୁ ପଢିବା ଓ ନୂତନ ପଦଗୁଡିକ ଜାଣିବା ।

- ପୂର୍ବରୁ ଚିହ୍ନିତ ଓ ବର୍ଣ୍ଣିତ ନିର୍ଦ୍ଦିଷ୍ଟ ଶୈକ୍ଷିକ ଉଦ୍ଦେଶ୍ୟ
- ଶିକ୍ଷଣ ଅନୁଭୂତି
- ଶିକ୍ଷାର ଲକ୍ଷ୍ୟ
- ସୁବ୍ୟବସ୍ଥିତ ନିରନ୍ତର ପ୍ରକ୍ରିୟା

କୌଣସି ଶିକ୍ଷଣ କାର୍ଯ୍ୟ କରିବା ପୂର୍ବରୁ ଏହା କାହିଁକି ନିଆଯାଇଛି ଜାଣିବା ଜରୁରୀ । ଏହା ଦ୍ୱାରା କଣ ହାସଲ କରିହେବ ? ଅନ୍ୟ ଅର୍ଥରେ ଶିକ୍ଷଣ କାର୍ଯ୍ୟଟିକୁ ନେବା ପୂର୍ବରୁ ଏହାର ଉଦ୍ଦେଶ୍ୟ ଜାଣିବା ଅତି ଜରୁରୀ । ଶିକ୍ଷା ପ୍ରକ୍ରିୟାରେ ଶିକ୍ଷାର ଲକ୍ଷ୍ୟ 'କାହିଁକି' ଦିଗରୁ ସ୍ପଷ୍ଟ ଅଟେ । ଏଗୁଡିକ ବ୍ୟାପକ ଓ ଲମ୍ବା ପଦ । ଉଦ୍ଦେଶ୍ୟ ହେଉଛି ଶ୍ରେଣୀଗୃହରେ ଶିକ୍ଷାଦାନ - ଶିକ୍ଷଣ ଦ୍ୱାରା ହାସଲ ହୋଇପାରୁଥିବା ଛୋଟଛୋଟ ସୋପାନ ଏବଂ ଏହି ଉଦ୍ଦେଶ୍ୟ

ହାସଲ ଆମକୁ ଲକ୍ଷ୍ୟର ନିକଟତର ହେବାରେ ସାହାଯ୍ୟ କରିଥାଏ । ଉଦ୍ଦେଶ୍ୟ ହେଉଛି ଶିକ୍ଷାର ଅଭିପ୍ରାୟ ଯାହା କି ବିଦ୍ୟାଳୟରେ ବିଭିନ୍ନ ବିଷୟବସ୍ତୁକୁ ପଢିବା ଦ୍ୱାରା ମିଳିଥାଏ ।

ବିଷୟବସ୍ତୁକୁ ବିଷୟ ନାମରେ କୁହାଯାଏ । ଶିକ୍ଷାର୍ଥୀମାନଙ୍କୁ ବିଷୟ ଶିକ୍ଷଣ ପାଇଁ ସାହାଯ୍ୟ କରିବାକୁ ହେଲେ ଶିକ୍ଷକ ବିଭିନ୍ନ ପଦ୍ଧତି ଗ୍ରହଣ କରିଥାନ୍ତି ଯାହା ଏକକ ୩ରେ ବର୍ଣ୍ଣନା କରାଯାଇଛି । ଶିକ୍ଷକ ଏଥିପାଇଁ ଧାରଣାଗୁଡିକୁ କେତେକ ଛବି ଓ ମଡେଲ ସାହାଯ୍ୟରେ ବର୍ଣ୍ଣନା କରିବେ । ଶିକ୍ଷାର୍ଥୀମାନେ ଏସବୁକୁ ଆଲୋଚନା କଲାବେଳେ ହୃଦୟଙ୍ଗମ କରିବେ ଯାହା ତାଙ୍କୁ ଶିକ୍ଷଣ ଅନୁଭୂତି ଯୋଗାଇବ । ତୁମେ ପୂର୍ବ ପ୍ରସଙ୍ଗରେ ଶିକ୍ଷଣ ଅନୁଭୂତି ଉପରେ ପଢିଛ । ତୁମେ ଜାଣିଛ ଯେ ଶିକ୍ଷଣ ଅନୁଭୂତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମିଳିପାରେ । ଉଦାହରଣ – ପିଲାଟିଏ ଗରମ ପାତ୍ରକୁ ଛୁଇଁଲେ ତାତିଯାଏ ଏବଂ ଏଥିରେ ସେ ପ୍ରତ୍ୟକ୍ଷ ଅନୁଭୂତି ପାଇଥାଏ କିନ୍ତୁ ତାର ସାଙ୍ଗ ତା' ଠାରୁ ଶୁଣି କିମ୍ବା ତାର କଷ୍ଟକୁ ଦେଖି ପରୋକ୍ଷ ଅନୁଭୂତି ପାଇଥାଏ । ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟାରେ ଏହି ଅନୁଭୂତିଗୁଡିକ ବ୍ୟବହାରରେ ପରିବର୍ତ୍ତନ ଆଣିଥାନ୍ତି ଯାହାକୁ ଶିକ୍ଷଣ କୁହାଯାଏ । ମୂଲ୍ୟାୟନ ଆମକୁ ଶିକ୍ଷଣ ହାସଲ କରିବାରେ ସାହାଯ୍ୟ କରିଥାଏ ।

ଏହି ସ୍ତରରେ ଶିକ୍ଷକ ଦେଇଥିବା ଶିକ୍ଷଣ ଅନୁଭୂତିର ଉପଯୋଗିତା ଓ ଆବଶ୍ୟକତାକୁ ଜାଣିବା ଆବଶ୍ୟକ । ତେଣୁ ଶିକ୍ଷକ ମୂଲ୍ୟାୟନର ବିଭିନ୍ନ କୌଶଳ ଅବଲମ୍ବନ କରିଥାନ୍ତି । ଏହି ପଦ୍ଧତି ବାଛିଲା ବେଳେ ଶିକ୍ଷକଙ୍କୁ ନିଜେ ଦେଇଥିବା ଶିକ୍ଷଣ ଅନୁଭୂତିକୁ ଧ୍ୟାନରେ ରଖିବାକୁ ପଡିଥାଏ ଯାହାକୁ ମୂଲ୍ୟାୟନ କରିବାକୁ ପଡେ । ଏହା କୁହାଯାଇ ପାରିବ ଯେ ଉଦ୍ଦେଶ୍ୟ, ବିଷୟ, ଶିକ୍ଷଣ ଅନୁଭୂତି ଓ ମୂଲ୍ୟାୟନ ପଦ୍ଧତି ଏ ସମସ୍ତେ ପରିଷ୍କାର ସମ୍ପର୍କିତ । ସେମାନେ ପରସ୍ପରକୁ ସହାୟତା କରିଥାନ୍ତି । ଚିତ୍ର ୬.୨ ରେ ଏହାକୁ ରୈଖିକ ଭାବେ ଉପସ୍ଥାପନ କରାଯାଇ ପାରିବ ।




ଚିତ୍ର ୬.୨: ଶିକ୍ଷା ମୂଲ୍ୟାୟନର ଚାରୋଟି ଦିଗ

ଆସ ଏକ ଉଦାହରଣ ସାହାଯ୍ୟରେ ଉପର ରୈଖିକ ଚିତ୍ରକୁ ବୁଝିବା । ଏନ୍.ସି.ଇ.ଆର୍.ଟି. ଦ୍ୱାରା ପ୍ରସ୍ତୁତ ଷଷ୍ଠ ଶ୍ରେଣୀ ବିଜ୍ଞାନ ବହିରେ ଏକ ପ୍ରସଙ୍ଗ ଅଛି 'ଉଦ୍ଭିଦମାନଙ୍କୁ ଜାଣିବା' । ଏହା ହେଉଛି ବିଷୟ / ପ୍ରସଙ୍ଗ । ଏହି ବିଷୟଟିକୁ ପଢାଇସାରିବା ପରେ ଆମେ କଣ ହାସଲ କରିବା । ଏହି ପ୍ରଶ୍ନର ଉତ୍ତର ଆମକୁ ଉଦ୍ଦେଶ୍ୟ ବିଷୟରେ ବୁଝାଉଛି ।

ଷଷ୍ଠ ଶ୍ରେଣୀ ନିମନ୍ତେ, ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଲା ଶିକ୍ଷାର୍ଥୀମାନେ –

- ଉଦ୍ଭିଦର ଅଂଶଗୁଡିକୁ ମନେ ପକାଇବେ ।
- ଏକ ଉଦ୍ଭିଦର ଅଂଶଗୁଡିକୁ ଚିହ୍ନଟ କରିବେ ।
- ଏକ ଉଦ୍ଭିଦର ଅଂଶଗୁଡିକର କାର୍ଯ୍ୟ ବର୍ଣ୍ଣନା କରିବେ ।
- ଏକ ଉଦ୍ଭିଦର ଅଂଶଗୁଡିକର ଚିତ୍ର ଅଙ୍କନ କରିବେ ।

- ଏକ ଉଦ୍ଭିଦର ଅଂଶଗୁଡ଼ିକର ନାମକରଣ କରିବେ ।
- ଏକ ନିର୍ଦ୍ଧିଷ୍ଟ ଉଦ୍ଭିଦ ନେଇ ତାର ଅଂଶଗୁଡ଼ିକୁ ଚିହ୍ନାଇବେ ।

ବର୍ତ୍ତମାନ ଏହି ଉଦ୍ଦେଶ୍ୟ ହାସଲ କରିବାକୁ କ'ଣ ଆବଶ୍ୟକୀୟ ଶିକ୍ଷଣ ଅନୁଭୂତି ପ୍ରଦାନ କରିବାକୁ ହେବ ?

ଜଣେ ଶିକ୍ଷକ କରିପାରିବେ -

- ଏକ ଶିକ୍ଷଣ ଉଦ୍ଭିଦକୁ ସତକୁ ସତ ଆଣି ଦେଖାଇବେ ।
- କଳାପଟାରେ ଉଦ୍ଭିଦର ଚିତ୍ର ଅଙ୍କନ କରି ବୁଝାଇବେ ।
- ଏକ ଚାର୍ଟ ଦେଖାଇ କିମ୍ବା ସ୍ଥିର ଛବି ଦେଖାଇ ବର୍ଣ୍ଣନା କରିବେ ।
- ଶିକ୍ଷାର୍ଥୀମାନଙ୍କୁ ବଗିଚାକୁ ନେବେ ଓ ବିଭିନ୍ନ ଉଦ୍ଭିଦକୁ ପର୍ଯ୍ୟବେକ୍ଷଣ କରି ଅଂଶଗୁଡ଼ିକୁ ଚିହ୍ନଟ କରିବାକୁ କହିବେ ।
- ଶିକ୍ଷାର୍ଥୀମାନଙ୍କୁ କିଛି ମଂଜି ବୁଣିବାକୁ କହି ଏହା କିପରି ଗଜାରୁ ସମ୍ପୂର୍ଣ୍ଣ ଉଦ୍ଭିଦ ହେଉଛି ପର୍ଯ୍ୟବେକ୍ଷଣ କରିବାକୁ କହିବେ ।

ଶିକ୍ଷଣ ଅନୁଭୂତିଗୁଡ଼ିକ ପ୍ରଦାନ କରିବା ପରେ ଶିକ୍ଷକ ଏହାର ଉପଲବ୍ଧ ଫଳାଫଳଗୁଡ଼ିକୁ ଜାଣିବା ଆବଶ୍ୟକ । ମୂଲ୍ୟାୟନ ମାଧ୍ୟମରେ ଏହା କରାଯାଇଥାଏ । ଏଥି ନିମନ୍ତେ ନିମ୍ନଲିଖିତ କାର୍ଯ୍ୟସବୁ କରିବାକୁ ହେବ ।

୧. ମୌଖିକ ପ୍ରଶ୍ନ ପଚାରିବା

୨. ଲିଖିତ ପରୀକ୍ଷଣ କରିବା

୩. ଶିକ୍ଷାର୍ଥୀମାନଙ୍କୁ ଚିତ୍ର କରି ତାର ନାମକରଣ କରିବାକୁ କହିବା

୪. ଏକ ଉଦ୍ଭିଦ ଦେଖାଇ ତାର ଅଂଶଗୁଡ଼ିକୁ ଚିହ୍ନଟ କରିବାକୁ କହିବା

୫. ଶିକ୍ଷାର୍ଥୀମାନଙ୍କୁ ଉଦ୍ଭିଦ ସଂଗ୍ରହ କରିବାକୁ କହିବା ।

ସେଗୁଡ଼ିକ ବହିରେ ଲଗାଇ ନାମକରଣ କରିବାକୁ କହିବା । ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କିପରି ମୂଲ୍ୟାୟନ କରିବେ ବୋଲି ତୁମେ ଭାବୁଛ ?

ଆମେ ଏଠାରେ ଧ୍ୟାନଦେବା ଯେ ଶିକ୍ଷକ ପିଲାମାନଙ୍କୁ କିଛି ଉଦ୍ଭିଦ କିମ୍ବା ତାର ଚିତ୍ର ଦେଖାଇଛନ୍ତି । ସେ ଅଂଶଗୁଡ଼ିକୁ ଚିହ୍ନଟ କରିବାକୁ କିପରି କହିପାରିବେ, ଯଦି ସେଗୁଡ଼ିକୁ ନ ଦେଖାଇ କେବଳ ବର୍ଣ୍ଣନା କରିବେ ? ଯେହେତୁ ଶିକ୍ଷକ ପିଲାଙ୍କୁ ସେହି ଶିକ୍ଷଣ ଅନୁଭୂତି ଦେଇ ନାହାଁନ୍ତି ତେଣୁ ସେ ସେସବୁକୁ ମୂଲ୍ୟାୟନ କରିପାରିବେ ନାହିଁ ।

ଏକ ଉଦାହରଣ ନେବା । ଶିକ୍ଷକ 'ଆଲୋକ' ପ୍ରସଙ୍ଗଟିର ପ୍ରତିଫଳନର ନିୟମ କୁ ବର୍ଣ୍ଣନା କରିବାକୁ ଚାହୁଁଛନ୍ତି ।

ଏଥି ନିମନ୍ତେ ଶିକ୍ଷକ ନିମ୍ନଲିଖିତ ଶିକ୍ଷଣ ଅନୁଭୂତି ଦେଇପାରିବେ ।

୧. କଳାପଟାରେ ଏକଚିତ୍ର ଆଙ୍କିବେ କିମ୍ବା ଏକ ଚାର୍ଟକୁ ଦେଖାଇ ବର୍ଣ୍ଣନା କରିବେ ।

୨. ପରୀକ୍ଷଣଟିକୁ ପ୍ରଦର୍ଶନ କରି ନିୟମ ପ୍ରମାଣ କରିବେ ଓ ପିଲାମାନଙ୍କୁ ତାହା ପର୍ଯ୍ୟବେକ୍ଷଣ କରିବାକୁ କହିବେ ।

୩. ପିଲାମାନଙ୍କୁ ନିଜେ ସେହି ପରୀକ୍ଷଣଟିକୁ କରିବାକୁ କହିବେ ଓ ତାର ଫଳାଫଳର ସତ୍ୟତା ପ୍ରତିପାଦନ କରିବେ ।



ଟିପ୍ପଣୀ

ଜଣେ ଶିକ୍ଷକ ଭାବରେ ଯଦି ତୁମେ ପ୍ରଥମଟିକୁ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ପାଇଁ ବାଛିବ ତେବେ ଶିକ୍ଷାର୍ଥୀମାନଙ୍କୁ କିପରି ମୂଲ୍ୟାୟନ କରିବ ? ତୁମେ ଜାଣିଛ ଯେ ଶିକ୍ଷଣ ଫଳାଫଳକୁ ତନଖିବା ପାଇଁ ତୁମେ ପେନ୍ସିଲ୍ - କାଗଜ ପରୀକ୍ଷା କରିବ, କିନ୍ତୁ ତୁମେ ତାଙ୍କୁ ପରୀକ୍ଷଣଟି କରିବା ପାଇଁ କହିପାରିବ ନାହିଁ ଯେହେତୁ ସେମାନେ ଉପକରଣ ଗୁଡିକର ବ୍ୟବହାର ଶିଖିନାହାଁନ୍ତି ।

ତେଣୁ ଦେଖାଗଲା ଯେ ଉଦ୍ଦେଶ୍ୟ, ବିଷୟ, ଶିକ୍ଷଣ ଅନୁଭୂତି ଓ ମୂଲ୍ୟାୟନ ପ୍ରଣାଳୀ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ରହିଛି । ତେଣୁ ଆରମ୍ଭ କରିବା ପାଇଁ ଶିକ୍ଷକଙ୍କର ଉଦ୍ଦେଶ୍ୟ ସଂପର୍କରେ ସ୍ପଷ୍ଟ ଧାରଣା ନିଶ୍ଚିତ ରହିବା ଦରକାର ।

## ୬.୪. ଉଦ୍ଦେଶ୍ୟ ଓ ନିର୍ଦ୍ଦିଷ୍ଟ କରଣ

ଶିକ୍ଷାଦାନ- ଶିକ୍ଷଣ ଆଧାରରେ ଉଦ୍ଦେଶ୍ୟ କଣ ?

ଉଦ୍ଦେଶ୍ୟ ହେଉଛି ଶୈକ୍ଷିକ ପ୍ରକ୍ରିୟାରେ ହାସଲ କରି ହେଉଥିବା ଲକ୍ଷ୍ୟ । ସେଗୁଡିକ ବିଷୟ ଭିତ୍ତିକ ଓ ଶ୍ରେଣୀ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ହାସଲ ଯୋଗ୍ୟ । ତେଣୁ ଏଗୁଡିକ ଶିକ୍ଷକଙ୍କୁ ଦୈନନ୍ଦିନ କାର୍ଯ୍ୟରେ ସାହାଯ୍ୟ କରନ୍ତି । ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷା ଉଦ୍ଦିଷ୍ଟ । ଏହାର ଅର୍ଥ ମୁଣ୍ଡ (ଜ୍ଞାନାତ୍ମକ ଦିଗ) ହୃଦୟ (ଭାବାତ୍ମକ ଦିଗ) ଓ ହାତ (କ୍ରିୟାତ୍ମକ ଦିଗ)ର ସନ୍ତୁଳିତ ବିକାଶ ।

ଡ. ବେନ୍‌ଜାମିନ୍‌ର ଏସ. ବ୍ଲୁମ୍ ଜ୍ଞାନାତ୍ମକ ଦିଗର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଯାହା କି ପରବର୍ତ୍ତୀ ସମୟରେ ତାଙ୍କର ଛାତ୍ର ଆଣ୍ଡରସନ୍ ଓ ସାଥି କାର୍ଥୋନଙ୍କ ଦ୍ୱାରା ପରିବର୍ତ୍ତନ ହେଲା । ଭାବାତ୍ମକ ଦିଗର କ୍ରମିକ ଧାରା ଡ. କର୍ଥୋଙ୍କ ଦ୍ୱାରା ବିକାଶ କରାଗଲା ଏବଂ କ୍ରିୟାତ୍ମକ ଦିଗର କ୍ରମିକ ଧାରା ଡ. ଦେଭ୍ ଙ୍କ ଦ୍ୱାରା ବିକଶିତ ହୋଇଥିଲା । ଶିକ୍ଷା ଉଦ୍ଦେଶ୍ୟରେ କ୍ରମ ମନୁଷ୍ୟ ବ୍ୟକ୍ତିତ୍ୱର ସମସ୍ତ ଦିଗକୁ ଦର୍ଶାଉଛି । ଏହା ନିମ୍ନରେ ଦିଆଗଲା ।

| 1. COGNITIVE DDMAIN | 2. AFFECTIVE DOMAIN | 3.PSYCHOMOTOR DOMAIN |
|---|---|---|
| (ଜ୍ଞାନାତ୍ମକ ଦିଗ) | (ଭାବାତ୍ମକ ଦିଗ) | (କ୍ରିୟାତ୍ମକ ଦିଗ) |
| - ମନେରଖିବା | - ଗ୍ରହଣ କରିବା | - ଅନୁକରଣ କରିବା |
| - ବୁଝିବା | - ପ୍ରତିକ୍ରିୟା ଦେବା | - ଏପଟ ସେପଟ କରିବା |
| - ପ୍ରୟୋଗ କରିବା | - ମୂଲ୍ୟାୟନ କରିବା | - ସଂକ୍ଷିପ୍ତ କରିବା |
| - ବିଶ୍ଳେଷଣ କରିବା | - ସଂଗଠିତ କରିବା | - ସ୍ପଷ୍ଟ କଥନ କରିବା |
| - ମୂଲ୍ୟାୟନ କରିବା | - ଚରିତ୍ର ଚିତ୍ରଣ କରିବା | - ସ୍ୱାଭାବିକକରଣ କରିବା |
| - ସୃଷ୍ଟି କରିବା | | |
|  |  |  |

ଚିତ୍ର ୬.୩ ଶୈକ୍ଷିକ ଉଦ୍ଦେଶ୍ୟ ସମୂହର ବର୍ଗୀକରଣ

ଟିପ୍ପଣୀ

ପଦାନୁକ୍ରମର ଅର୍ଥ ହେଲା – କଠିନ ସ୍ତର ବଢି ଚାଲେ ଜଣେ ଯେତେବେଳେ ଉଚ୍ଚତର ଉଦ୍ଦେଶ୍ୟ ପାଖକୁ ଗତିକରେ ଅର୍ଥାତ୍ ନିମ୍ନ ସ୍ତରର ଉଦ୍ଦେଶ୍ୟଟି ସେ ହାସଲ ହୋଇସାରିଛି । ଉଦାହରଣ ଜ୍ଞାନାତ୍ମକ ଦିଗରେ ଯଦି ଜଣେ ପିଲା ଏକ ବସ୍ତୁ ଉପରେ ବଳର ପ୍ରଭାବକୁ ବୁଝିପାରିଛି ତେବେ ସେ ବଳ କଣ ଜାଣେ ।

ଜ୍ଞାନାତ୍ମକ ଦିଗ ସେହି ଉଦ୍ଦେଶ୍ୟଗୁଡିକୁ ଅର୍ନ୍ତଭୁକ୍ତ କରେ ଯାହା ଜ୍ଞାନକୁ ମନେରଖିବା, ଚିହ୍ନଟ କରିବା କିମ୍ବା ପିଲାର ମାନସିକ / ବୌଦ୍ଧିକ ଦକ୍ଷତାର ବିକାଶକୁ ପରିଚାଳନା କରେ । ଉଦାହରଣ : ଅମ୍ଳ ଓ କ୍ଷାରର ଧାରଣା ଉପରେ ବିକାଶ କରିବା ପାଇଁ ଅମ୍ଳ ଓ କ୍ଷାରର ଧର୍ମ କହିବା କିମ୍ବା ଚଟାଣ ପୋଛିବା ପାଇଁ ଉପଯୁକ୍ତ ରସାୟନିକ ପଦାର୍ଥକୁ ବାଛିବା ହେଲା ଜ୍ଞାନାତ୍ମକ ଦିଗ ।

ଜ୍ଞାନାତ୍ମକ ଦିଗର ପରିମାର୍ଜିତ ବର୍ଗୀକରଣରେ ଦୁଇଟି ଦିଗକୁ ବିଚାର କରାଯାଏ – ଜ୍ଞାନାତ୍ମକ ପରିସର ଏବଂ ଜ୍ଞାନାତ୍ମକ ପ୍ରକ୍ରିୟା ପରିସର

ସାରଣୀ ୬.୧. **Anderson** ଓ **Kartwohl** ଙ୍କର ଜ୍ଞାନାତ୍ମକ ଦିଗର ପରିମାର୍ଜିତ ବର୍ଗୀକରଣ

| | ଜ୍ଞାନାତ୍ମକ ପ୍ରକ୍ରିୟା ⟶ | | | | | |
|---|---|---|---|---|---|---|
| ଜ୍ଞାନାତ୍ମକ ପରିସର ↓ | **1** ମନେରଖିବା | **2** ବୁଝିବା | **3** ପ୍ରୟୋଗ କରିବା | **4** ବିଶ୍ଳେଷଣ କରିବା | **5** ମୂଲ୍ୟାୟନ କରିବା | **6** ସୃଷ୍ଟି କରିବା |
| ତଥ୍ୟ ଭିତ୍ତିକ | | | | | | |
| ଧାରଣା ଭିତ୍ତିକ | | | | | | |
| ପ୍ରଣାଳୀ ଭିତ୍ତିକ | | | | | | |
| ଉଚ୍ଚତର ଜ୍ଞାନ ଭିତ୍ତିକ | | | | | | |

ଏହି ସାରଣୀଟିର ବର୍ଣ୍ଣନା ନିମ୍ନରେ ଦିଆଯାଇଛି :-

ଜ୍ଞାନାତ୍ମକ ଦିଗର ପରିସରକୁ ନିମ୍ନ ମତେ ବର୍ଣ୍ଣନା କରାଯାଇ ପାରିବ । ତଥ୍ୟ ଆଧାରିତ ଜ୍ଞାନ- ଏହା ଏପରି ଏକ ଜ୍ଞାନ ଯାହା କେତେକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଧାରିତ । ଏହି ଦିଗଟି ଅତ୍ୟାବଶ୍ୟକ ତଥ୍ୟ, ପଦ, ଉପାଦାନ ଯାହା କି ସମସ୍ତ ପିଲା ଜାଣିବା ବା ପରିଚିତ ହେବା ଉଚିତ୍ ଯେପରିକି ସେମାନେ ବିଷୟବସ୍ତୁକୁ ବୁଝିପାରିବେ ଓ ସମସ୍ୟା ସମାଧାନ କରିପାରିବେ । ଉଦାହରଣ ସ୍ୱରୂପ: ଅମ୍ଳଜାନକୁ $O_2$ ଦ୍ୱାରା ଦର୍ଶାଯାଏ ।

ଧାରଣାଗତ ଜ୍ଞାନ – ଏହା ହେଉଛି ଏକ ନିର୍ଦ୍ଦିଷ୍ଟ ବିଷୟ କ୍ଷେତ୍ରରେ ସାଧାରଣୀକରଣ, ବିଭାଗୀକରଣ, ତତ୍ତ୍ୱ, ମଡେଲ୍, ଗଠନ ଉପରେ  ଜ୍ଞାନ ପ୍ରାପ୍ତ କରିବା  । ଉଦାହରଣ ମାଧ୍ୟାକର୍ଷଣର ଧାରଣା ।

ପ୍ରକ୍ରିୟାଭିତ୍ତିକ ଜ୍ଞାନ – ଏକ ଜ୍ଞାନ ଯାହାକି ଏକ ନିର୍ଦ୍ଦିଷ୍ଟ ବିଷୟ, ଧାରଣା ଉପରେ କିଛି କରିବା ପାଇଁ ସାହାଯ୍ୟ କରିବ । ଏହା ମଧ୍ୟ ଅନୁସନ୍ଧାନର ପ୍ରକ୍ରିୟା, ନିର୍ଦ୍ଦିଷ୍ଟ ଦକ୍ଷତା, ସମସ୍ୟା ସମାଧାନ କୌଶଳ ନିର୍ଦ୍ଦିଷ୍ଟ ପ୍ରଦ୍ଧତି ଓ କୌଶଳ ଆଦିକୁ ବୁଝାଏ । ଉଦାହରଣ:- ଏକ ଫୁଲର ଅଂଶଗୁଡିକୁ ଖୋଲି ଖଣ୍ଡ ଖଣ୍ଡ କରିବା ।

ଉଚ୍ଚତର ଜ୍ଞାନ – ଏହା ହେଉଛି ଜଣଙ୍କର ଜ୍ଞାନାତ୍ମକ ଦିଗ ଓ ଜ୍ଞାନାତ୍ମକ ପ୍ରକ୍ରିୟା ଉପରେ ଅବଗତ ହେବା । ଏହା ଏକ ସମସ୍ୟାକୁ କିପରି ସମାଧାନ କରାଯାଇପାରିବ ତା ଉପରେ ବିକ୍ଷିପ୍ତ ଜ୍ଞାନ ପାଇବାର କୌଶଳ ହାସଲ ।

ଜ୍ଞାନାତ୍ମକ ପ୍ରକ୍ରିୟାର ଦିଗଗୁଡିକ ନିମ୍ନରେ ଦିଆଗଲା –

ମନେରଖିବା – ଅନେକ ଦିନର ସ୍ମୃତିରୁଏକ ବିଶ୍ୱସ୍ତଜ୍ଞାନ ପ୍ରାପ୍ତ ।

ବୁଝିବା – ଉପଲବ୍ଧ ତଥ୍ୟରୁ (ମୌଖିକ, ଲିଖିତ ଯୋଗାଯୋଗ ) ଅର୍ଥ ବାହାର କରିବା ।

ପ୍ରୟୋଗ କରିବା – ଏକ ଦତ୍ତ ପରିସ୍ଥିତିରେ ପ୍ରକ୍ରିୟାକୁ ବ୍ୟବହାର କରିବା ।

ବିଶ୍ଳେଷଣ କରିବା – ଅଂଶଗୁଡ଼ିକୁ ଭାଗଭାଗ କରି ଭାଙ୍ଗିବା ଓ ସେଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥିର କରିବା ।

ମୂଲ୍ୟାୟନ କରିବା – ସର୍ତ୍ତକୁ ଆଧାର କରି ବିଚାର କରିବା ।

ସୃଷ୍ଟି କରିବା – ଉପାଦାନଗୁଡ଼ିକୁ ଏକାଠି ଯୋଡି ଏକ ସମ୍ପୂର୍ଣ୍ଣ ଚିତ୍ର ଗଠନ କରିବା ।

ସଂଶୋଧିତ ମଡେଲରେ ଉପାଦାନଗୁଡ଼ିକୁ ଏପରି ସଜଡାଯାଇଥିଲା ଯେପରିକି ଏଗୁଡ଼ିକର ବିଚାର ଓ ବ୍ୟବହାର କରାଯାଇପାରିବ ଏବଂ ଜ୍ଞାନାତ୍ମକ ପ୍ରକ୍ରିୟାକୁ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ମାଧ୍ୟମରେ ଲିପିବଦ୍ଧ କରାଯାଇପାରିବ । ଏହି ଗୁଣାବଳୀ ଶିକ୍ଷକ ମୂଲ୍ୟାୟନ, ଶିକ୍ଷକ ସ୍ୱ-ମୂଲ୍ୟାୟନ ଓ ଶିକ୍ଷାର୍ଥୀ ମୂଲ୍ୟାୟନକୁ ସହଜ ଓ ସରଳ କରିବ ।

ଭାବାତ୍ମକ ଦିଗଟି ସେହି ଉଦ୍ଦେଶ୍ୟକୁ ଅନ୍ତର୍ଭୁକ୍ତ କରିଥାଏ ଯାହା ଆଗ୍ରହ, ମନୋବୃତ୍ତି, ମୂଲ୍ୟବୋଧ ଓ ଖାପଖୁଆଇ ଚଳିବା ଏବଂ ପ୍ରଂଶସାବୋଧର ବିକାଶ କରିବାର ପରିବର୍ତ୍ତନକୁ ବୁଝାଏ ।

Karthwohl ; et al. (1964)

ଉଦାହରଣ:- ବୈଜ୍ଞାନିକ ମନୋବୃତ୍ତିର ବିକାଶ, ପରିବେଶରେ ଉଦ୍ଭିଦ ଓ ପ୍ରାଣୀମାନଙ୍କ ଯତ୍ନ ନେବାର ଗୁରୁତ୍ୱ, ଆବଶ୍ୟକଥିବା ଲୋକଙ୍କୁ ସହାୟତା କରିବା, ପରିବେଶକୁ ପରିଷ୍କାର ରଖିବାରେ ଯତ୍ନଶୀଳ ହେବା ଆଦି ଭାବାତ୍ମକ ଦିଗର ଅନ୍ତର୍ଭୁକ୍ତ ।

କ୍ରିୟାତ୍ମକ ଦିଗ ଉଦ୍ଦେଶ୍ୟକୁ ଅନ୍ତର୍ଭୁକ୍ତ କରେ, ଯାହା ହସ୍ତଚାଳିତ ଓ ପେଶୀୟ ଦକ୍ଷତାଗୁଡ଼ିକୁ ପରିଚାଳନା କରେ । ଏହା ଭୌତିକ ବିକାଶର ଦିଗକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଉଦାହରଣ :- ଉପକରଣକୁ ଠିକ୍‌ଭାବେ ଧରିବା, ଏକ ତରଳ ପଦାର୍ଥର ଆୟତନକୁ ମାପିବା, ଏକ ପରିଷ୍କାର ଚିତ୍ର ଆଙ୍କିବା, ଗଛ ଲଗାଇବା ଓ ଏହାର ଯତ୍ନ ନେବା ଇତ୍ୟାଦି ମନୋକ୍ରିୟାତ୍ମକ ଦିଗର ବିକାଶକୁ ଦର୍ଶାଇଥାଏ ।

**ଶିକ୍ଷଣକାର୍ଯ୍ୟ - ୨**

୧. ଆବଶ୍ୟକ ଉଦାହରଣ ସହ ଉଦ୍ଦେଶ୍ୟର ବିଭିନ୍ନ ସ୍ତର ଯଥା ଜ୍ଞାନାତ୍ମକ, ଭାବାତ୍ମକ ଓ ମନୋକ୍ରିୟାତ୍ମକ ଦିଗକୁ ଲେଖ ଯାହାକି ୩୫୦ ଶବ୍ଦ ବିଶିଷ୍ଟ ହୋଇଥିବ ।

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

------------------------------------

'ଶୈକ୍ଷିକ ଉଦ୍ଦେଶ୍ୟ ବର୍ଗୀକରଣ' ବ୍ୟକ୍ତିତ୍ୱର ତିନୋଟି ଦିଗକୁ ନେଇ ହୋଇଥାଏ । ଉଦାହରଣ :- ଯେତେବେଳେ ଶିକ୍ଷାର୍ଥୀ ପ୍ରଦୂଷଣ ବିଷୟରେ ଶିଖେ, (ଜ୍ଞାନାତ୍ମକ ଦିଗ) ସେ ତାର କାର୍ଯ୍ୟଗୁଡ଼ିକ ପ୍ରତି ଯତ୍ନବାନ ହୋଇଥାଏ, ଏବଂ ସେ ପ୍ରଦୂଷଣ ହେଲା ପରି କୌଣସି କାର୍ଯ୍ୟ କରିବ ନାହିଁ (ଭାବାତ୍ମକ ଦିଗ) । ସେ ତାର ସାଙ୍ଗମାନଙ୍କୁ ମଧ୍ୟ ପରିବେଶ ସଫା ରଖିବାକୁ ଅଭିପ୍ରେରିତ କରିବ (ଭାବାତ୍ମକ ଦିଗ) । ଏହାର ଅର୍ଥ ହେଲା ଏହି ଦିଗଗୁଡ଼ିକ ଏକକ ଭାବେ ରହି ପାରିବେ ନାହିଁ । ଏଗୁଡ଼ିକ ଅଭିନ୍ନ ଓ ପରସ୍ପର ନିର୍ଭରଶୀଳ । ପ୍ରତ୍ୟେକ ଦିଗପାଇଁ ଉଦ୍ଦେଶ୍ୟଗୁଡ଼ିକ କ୍ରମରେ ସଜାଯାଇଛି । ଏହାର ଅର୍ଥ ଯେତେବେଳେ ଗୋଟିଏରୁ ଉପର ସ୍ତରକୁ ଗତି କରିବା, କଠିନତା ବୃଦ୍ଧିପାଇବ ।

ଟିପ୍ପଣୀ

ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟା ଠିକ୍ ଭାବେ ଆୟୋଜନ ହେବା ଉଚିତ୍ । ଫଳରେ ଶିକ୍ଷାର୍ଥୀକୁ ନିମ୍ନ ସ୍ତରର ଉଦ୍ଦେଶ୍ୟରୁ ଉଚ୍ଚସ୍ତର ଉଦ୍ଦେଶ୍ୟ ଆଡକୁ ଅଗ୍ରସର ହେବାକୁ ସହଜ ହୋଇଥାଏ ।

ଉଦାହରଣ :- ବାସ୍ତବିକ ଜୀବନରେ ନିଉଟନଙ୍କ ପ୍ରଥମ ନିୟମ ପ୍ରୟୋଗ କରିବାକୁ ହେଲେ ଶିକ୍ଷାର୍ଥୀ ପ୍ରଥମେ ଏହାକୁ ବୁଝିବାକୁ ପଡିବ । କିନ୍ତୁ ଏହାକୁ ବୁଝିବାକୁ ହେଲେ ଶିକ୍ଷାର୍ଥୀ ଏହି ନିୟମକୁ ଭଲଭାବେ ଜାଣିବାକୁ ପଡିବ ଓ ମନେରଖିବାକୁ ପଡିବ । ଏହି କ୍ରିୟାଗତ ଗୁରୁତ୍ୱ ଅନ୍ୟ ତିନୋଟି ଦିଗପାଇଁ ମଧ୍ୟ ପ୍ରଯୁଜ୍ୟ । ତିନୋଟିଯାକ ଦିଗକୁ ଉଚିତ ଗୁରୁତ୍ୱ ଦେଲେ ବ୍ୟକ୍ତିତ୍ୱ ବିକାଶ ଠିକ୍‌ଭାବେ ହୋଇଥାଏ ।

ଏହି ଉଦ୍ଦେଶ୍ୟଗୁଡିକ ଯେତେବେଳେ ନିର୍ଦ୍ଦିଷ୍ଟ ଧାରଣା ଅନୁଯାୟୀ ଲେଖାଯିବ ତାକୁ ନିର୍ଦ୍ଦିଷ୍ଟକରଣ କୁହାଯାଏ । ଏହା ଶିକ୍ଷାର୍ଥୀର ବ୍ୟବହାରଗତ ପରିବର୍ତ୍ତନ ଅନୁଯାୟୀ ତାର ଉପଲବ୍ଧି ସ୍ତରର ବିକାଶ ହୋଇଥାଏ । ଯଦି ତୁମେ ଲେଖିବ "ଶିକ୍ଷାର୍ଥୀ ଉଦ୍ଭିଦକୋଷର ଗଠନ ବର୍ଣ୍ଣନା କରିବେ" ବର୍ଣ୍ଣନା କରିବାର ଅର୍ଥ ହେଲା କିଛି କରିବା । ଶିକ୍ଷାର୍ଥୀର କ୍ରିୟାଗତ ବ୍ୟବହାର ଓ 'ଉଦ୍ଭିଦ କୋଷର ଗଠନ' ହେଉଛି ନିର୍ଦ୍ଦିଷ୍ଟ ଧାରଣା ତୁମେ ନିମ୍ନ ପାରାରୁ ଏହା ବିଷୟରେ ଅଧିକ ଶିଖିପାରିବ ।

ନିର୍ଦ୍ଦିଷ୍ଟକରଣର ଉକ୍ତି ଲେଖିବା ନିମନ୍ତେ କେତେକ ନିୟମ ରହିଛି । ନିର୍ଦ୍ଦିଷ୍ଟକରଣ ଉକ୍ତିଟି କ୍ରିୟା ବା କାର୍ଯ୍ୟ ଆକାରରେ ରହିବା ଉଚିତ୍ । ତୁମେ ଏବେ କିପରି ଉକ୍ତିଟି ଲେଖାଯାଏ ତାହା ଜାଣିବ ।

ନିର୍ଦ୍ଦିଷ୍ଟକରଣ ଉକ୍ତିଟିରେ

୧. ଏକ କ୍ରିୟା ବା କାର୍ଯ୍ୟ ରହିଥିବ ।

୨. ନିର୍ଦ୍ଦିଷ୍ଟତା ଥିବ (ଶିକ୍ଷାର୍ଥୀର ଶାରୀରିକ, ମାନସିକ ଓ ବୟସର ଆବଶ୍ୟକତା ଅନୁଯାୟୀ)

୩. ମନୁଷ୍ୟର କାର୍ଯ୍ୟ ସହିତ ସମ୍ପର୍କିତ ଥିବ (ଯାହା ଶିକ୍ଷାର ସହାୟତାରେ ଉପଲବ୍ଧ ହୋଇପାରିବ)

୪. ବିଷୟ – ବସ୍ତୁ ଲେଖାଥିବ (ପ୍ରସଙ୍ଗ)

୫. ଜଣେ ଶିକ୍ଷାର୍ଥୀର ଉପଲବ୍ଧି ଆକାରରେ ଥାଏ କିନ୍ତୁ ଶିକ୍ଷକଙ୍କ ଉଦ୍ଦେଶ୍ୟ ଅନୁଯାୟୀ ନଥାଏ ।

୬. ଏହାକୁ ଦଳଗତ ଶିକ୍ଷାର୍ଥୀଙ୍କ ଉପଲବ୍ଧି ସ୍ତର ଅନୁଯାୟୀ ଲେଖା ନହୋଇ ପ୍ରତ୍ୟେକ ପିଲାର ଉପଲବ୍ଧି ଅନୁସାରେ ଲେଖାଯାଇଥାଏ ।

୭. ଏଥିରେ କେବଳ ଗୋଟିଏ ଦକ୍ଷତା ରହିଥାଏ । ଯାହାକି ବିକାଶ କରାଯାଏ, ପରିବର୍ତ୍ତନ କରାଯାଏ ଓ ହାସଲ କରାଯାଏ ।

୮. ଏଥିରେ କେବଳ ଗୋଟିଏ ଧାରଣାଥାଏ । ଉଦାହରଣ –:

"ଶିକ୍ଷାର୍ଥୀମାନେ ଗତିର ପ୍ରକାରଭେଦକୁ ମନେ ପକାଇବେ । ଏହି ଉକ୍ତିଟିରେ ମନେ ପକାଇବା ହେଲା ଗୋଟିଏ କ୍ରିୟା ବା କାର୍ଯ୍ୟ ଏବଂ ଗତିର ପ୍ରକାରଭେଦ ହେଉଛି ପ୍ରସଙ୍ଗ ।"

**ଶିକ୍ଷଣକାର୍ଯ୍ୟ – ୩**

| ନିର୍ଦ୍ଦିଷ୍ଟକରଣର ଉକ୍ତି | କ୍ରିୟା | ଧାରଣା | ଉଦ୍ଦେଶ୍ୟ |
|---|---|---|---|
| ଶିକ୍ଷାର୍ଥୀ ନିଉଟନଙ୍କ ପ୍ରଥମ ନିୟମ ଉକ୍ତିକୁ ମନେପକାଇବେ । | | | |
| ଶିକ୍ଷାର୍ଥୀ ଉଦ୍ଭିଦକୋଷର ଅଙ୍ଗୀକାଗୁଡିକୁ ବର୍ଣ୍ଣନା କରିବେ । | | | |

ଶିକ୍ଷାର୍ଥୀ ପରମାଣୁର ଗଠନକୁ ବର୍ଣ୍ଣନା କରିବେ ।

ଶିକ୍ଷାର୍ଥୀ ଆନୁଭୂମିକ ଓ ତୀର୍ଯ୍ୟକ ତରଙ୍ଗ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ ।

ଶିକ୍ଷାର୍ଥୀ ଦୋଳନ ଗତିର ଉଦାହରଣ ଦେବେ ।

ଶିକ୍ଷାର୍ଥୀ ଜଳଜନିତ ରୋଗ ବ୍ୟାପିବାକୁ ରୋକିବାର ଉପାୟ କହିବେ ।

ଶିକ୍ଷାର୍ଥୀ ପତ୍ରର ଚିତ୍ର ଅଙ୍କନ କରିବେ ।

**୬.୪.୧. ବିଜ୍ଞାନ ପାଇଁ ଉଦ୍ଦେଶ୍ୟ ଲିଖନ ଓ ନିର୍ଦ୍ଦିଷ୍ଟକରଣ**

ତଳେ ଦିଆଯାଇଥିବା ନିର୍ଦ୍ଦିଷ୍ଟକରଣ ଲେଖିବାର ଉଦ୍ଦେଶ୍ୟକୁ ଦେଖ । ପ୍ରଥମ ତିନୋଟି ମନେରଖିବା, ବୁଝିବା ଓ ପ୍ରୟୋଗ କରିବା ଆଦି ଜ୍ଞାନାତ୍ମକ ଉଦ୍ଦେଶ୍ୟରୁ ଓ କୌଶଳ / ଦକ୍ଷତା କ୍ରିୟାତ୍ମକ ଉଦ୍ଦେଶ୍ୟରୁ ଆସିଛି । ଭାବାତ୍ମକ ଦିଗକୁ ଦର୍ଶାଉଥିବା ଉଦ୍ଦେଶ୍ୟ ଯଥା ବୈଜ୍ଞାନିକ ମନୋବୃତ୍ତିର ବିକାଶ ଓ ସୌନ୍ଦର୍ଯ୍ୟବୋଧର ବିକାଶ ପାଇଁ ଅଧିକ ସମୟ ଲାଗିଥାଏ । ତଳେ ଦିଆଯାଇଥିବା ଉଦାହରଣ ଗୁଡିକୁ ଦେଖ ।

-ମନେପକାଇବା - ଶିକ୍ଷାର୍ଥୀମାନେ ବୈଜ୍ଞାନିକ ପଦ, ସଙ୍କେତ, ବୈଜ୍ଞାନିକମାନଙ୍କର ନାମ, ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗର ସଂରଚନା ଓ ନିୟମ ଆଦିକୁ ମନେପକାଇବେ । ଶିକ୍ଷାର୍ଥୀମାନେ ବୈଜ୍ଞାନିକମାନଙ୍କ ଛବି, ଉପକରଣ, ଅଙ୍ଗପ୍ରତ୍ୟେଙ୍ଗର ବିଭାଗୀକରଣ ଓ ଚିତ୍ର ଆଦିକୁ ଚିହ୍ନଟ କରିବେ ।

-ବୁଝିବା - ଶିକ୍ଷାର୍ଥୀ ବିଭିନ୍ନ ତତ୍ତ୍ୱ, ନିୟମ, ଧାରଣା ଓ ପ୍ରଣାଳୀକୁ ବୁଝିବ ।

ଶିକ୍ଷାର୍ଥୀ ଅଲଗା କରିବ (ତୁଳନା କରିବ, ପାର୍ଥକ୍ୟ ଦର୍ଶାଇବ, ଭିନ୍ନତା ଆଣିବ)

ଶିକ୍ଷାର୍ଥୀ ବର୍ଣ୍ଣନା କରିବ (କାରଣ ଦର୍ଶାଅ) - କ୍ରିୟା ପ୍ରତିକ୍ରିୟା ସମ୍ପର୍କ ଶିକ୍ଷାର୍ଥୀ ଉଦାହରଣ ଦେବ

ଶିକ୍ଷାର୍ଥୀ ଭୂଲ ଚିହ୍ନଟ କରିବ (ତ୍ରୁଟି ଦେଖିବ)

ଶିକ୍ଷାର୍ଥୀ ଭ୍ରମ ସଂଶୋଧନ କରିବ (ଭୁଲକୁ ସଜାଡି ଠିକ୍ କରିବ)

ଶିକ୍ଷାର୍ଥୀ ସାଧାରଣୀକରଣ କରିବ (ସିଦ୍ଧାନ୍ତ ଗ୍ରହଣ କରିବ)

ଶିକ୍ଷାର୍ଥୀ ଠିକ୍ ଉପକରଣ ଓ ପଦ୍ଧତି ଚୟନ କରିବ ।

ଶିକ୍ଷାର୍ଥୀ ଧାରଣାକୁ ଆଧାରକରି ସମସ୍ୟା ସମାଧାନ କରିବ ।

-ପ୍ରୟୋଗ କରିବା - ଶିକ୍ଷାର୍ଥୀ ବୁଝିଥିବାଧାରଣାକୁ ନୂତନ ପରିସ୍ଥିତିରେ ପ୍ରୟୋଗ କରିବ ।

ଶିକ୍ଷାର୍ଥୀ ସମସ୍ୟା ଓ ପ୍ରଶ୍ନକୁ ବିଶ୍ଳେଷଣ କରିବ ।

ଶିକ୍ଷାର୍ଥୀ ଉପଯୁକ୍ତ ତଥ୍ୟକୁ ବାଛିବ ।

ଶିକ୍ଷାର୍ଥୀ ବିଭିନ୍ନ ଉକ୍ତିର ବୈଜ୍ଞାନିକ କାରଣ ଦେବ ।

ଶିକ୍ଷାର୍ଥୀ ବିଭିନ୍ନ କାରଣଗୁଡିକୁ ଅନୁମାନ କରିବ ।

ଶିକ୍ଷାର୍ଥୀ ଉପକରଣ ଓ ପ୍ରକ୍ରିୟାର ଉନ୍ନତିକରଣ ପାଇଁ ପ୍ରସ୍ତାବ ଦେବ ।

-ଦକ୍ଷତା - ଶିକ୍ଷାର୍ଥୀର ବିଭିନ୍ନ ଦିଗରେ ଯଥା ପର୍ଯ୍ୟବେକ୍ଷଣ, ତଥ୍ୟର ଲିପିବଦ୍ଧକରଣ ଚିତ୍ର ଅଙ୍କନ ଓ କାର୍ଯ୍ୟଧାରାକୁ ବିକାଶ କରାଇବ ।

ଟିପ୍ପଣୀ



ଟିପ୍ପଣୀ

**କ - କାର୍ଯ୍ୟ ସଂପାଦନର ପ୍ରକ୍ରିୟା :-**

ଶିକ୍ଷାର୍ଥୀ ଏକ ଯନ୍ତ୍ରପାତି କାର୍ଯ୍ୟଧାରାକୁ ବିଷୟରେ ତଦାରଖ କରିବ ।

ଶିକ୍ଷାର୍ଥୀ ଯନ୍ତ୍ରପାତି ସଫା କରିବ ।

ଶିକ୍ଷାର୍ଥୀ ବିଭିନ୍ନ ନକ୍ସା ଅଙ୍କନ କରିବ ।

ଶିକ୍ଷାର୍ଥୀ ପର୍ଯ୍ୟବେକ୍ଷଣର ମାପକୁ ଲିପିବଦ୍ଧ କରିବ ।

ଶିକ୍ଷାର୍ଥୀ ଓଜନ, ଆୟତନ ଇତ୍ୟାଦିକୁ ମାପିବ ।

ଶିକ୍ଷାର୍ଥୀ ପରୀକ୍ଷଣ କରିବା ସମୟରେ ସତର୍କତା ଅବଲମ୍ବନ କରିବ ।

ଶିକ୍ଷାର୍ଥୀ ନିର୍ଭୁଲ୍ ଭାବେ ପର୍ଯ୍ୟବେକ୍ଷଣ କରିବ

**ଖ - କାର୍ଯ୍ୟ ସଂପାଦନର ଫଳାଫଳ:-**

ଶିକ୍ଷାର୍ଥୀ କରିଥିବା ପର୍ଯ୍ୟବେକ୍ଷଣଗୁଡ଼ିକରୁ ସାଂରାଶ ନିର୍ଣ୍ଣୟ କରିବ ।

ଶିକ୍ଷାର୍ଥୀ ଫଳାଫଳକୁ ହିସାବ କରିବ (ଏକ ଲେନସର କେନ୍ଦ୍ରିୟ ଲମ୍ବ)

ବର୍ତ୍ତମାନ ତୁମେ ଧାରଣାକୁ ବୁଝିସାରିଥିବ ଏବଂ ଉଦ୍ଦେଶ୍ୟ ତଥା ନିର୍ଦ୍ଦିଷ୍ଟକରଣର ଗୁରୁତ୍ୱକୁ ଅନୁଭବ କରିଥିବ । ବର୍ତ୍ତମାନ ତୁମେ ଦିଆଯାଇଥିବା ପ୍ରସଙ୍ଗ ପାଇଁ ପାଠଟୀକାର ଯୋଜନା ପ୍ରସ୍ତୁତ କରିବାରେ ସକ୍ଷମ ହେବ । ଯେପରି ପାଠ ଶେଷରେ ଉଦ୍ଦେଶ୍ୟଗୁଡ଼ିକ ହାସଲ ହୋଇପାରିବ । ଏହା ତୁମକୁ ଶିକ୍ଷାର୍ଥୀର ଉପଲବ୍ଧି ସ୍ତର ଜାଣିବାପାଇଁ ମୂଲ୍ୟାୟନ ପ୍ରକ୍ରିୟାକୁ ଯୋଜନା କରବାରେ ସହାୟକ ହେବ ।

ଶିକ୍ଷଣ କାର୍ଯ୍ୟ - ୪

୧. ବିଜ୍ଞାନ ବହିର ଏକ ପ୍ରସଙ୍ଗ ବାଛ । ସେହି ପ୍ରସଙ୍ଗଟି ପାଇଁ ଉଦ୍ଦେଶ୍ୟଗୁଡ଼ିକ ତଥା ନିର୍ଦ୍ଦିଷ୍ଟକରଣକୁ ଲେଖ ।

-----------------------------------------------------------------------------

-----------------------------------------------------------------------------

-----------------------------------------------------------------------------

୨. ତୁମ ପସନ୍ଦର ଗୋଟିଏ ଏକକକୁ ବିଚାର କର । ସେଥିରେ ତୁମେ ହାସଲ କରିବାକୁ ଥିବା ଉଦ୍ଦେଶ୍ୟଗୁଡ଼ିକୁ ସ୍ଥିର କର । ଏଥିପାଇଁ ଏକ ଶିକ୍ଷଣକାର୍ଯ୍ୟ (ଶିକ୍ଷଣ ଅନୁଭୂତି) ଓ ମୂଲ୍ୟାୟନ ପ୍ରକ୍ରିୟାର ଯୋଜନା କର ।

**୬.୫. ମୂଲ୍ୟାୟନର ପ୍ରକାର ଭେଦ**

ଆମେ ଦେଖିଛୁ ଯେ ଶିକ୍ଷାର୍ଥୀର ମୂଲ୍ୟାୟନ ନିମନ୍ତେ ମୂଲ୍ୟାୟନ ଏକ ନିରନ୍ତର ପ୍ରକ୍ରିୟା ହେବା ଉଚିତ୍ । ଏଥିପାଇଁ ଆମକୁ ଦୁଇ ପ୍ରକାର ମୂଲ୍ୟାୟନ କରିବାକୁ ହେବ । ସେଗୁଡ଼ିକ ହେଲା -

-ଗଠନମୂଳକ ମୂଲ୍ୟାୟନ

-ସମାପ୍ତସୂଚକ ମୂଲ୍ୟାୟନ

**୬.୫.୧. ଗଠନମୂଳକ ମୂଲ୍ୟାୟନ**

Nitko (1983) ଦର୍ଶାଇଛନ୍ତି ଯେ, "ସମାପ୍ତିସୂଚକ ମୂଲ୍ୟାୟନ ଶେଷ ହୋଇ ସାରିଥିବା କ୍ରମ, ପ୍ରକ୍ରିୟା ତଥା ଫଳାଫଳର ଉପଯୋଗିତାକୁ ବିଚାର କରେ ।"

ଉଦାହରଣ : - ସେମିଷ୍ଟାର ପରୀକ୍ଷା କିମ୍ବା ବାର୍ଷିକ ପରୀକ୍ଷା ସମାପ୍ତିସୂଚକ ମୂଲ୍ୟାୟନରେ ସାହାଯ୍ୟ କରେ । ସମାପ୍ତିସୂଚକ ମୂଲ୍ୟାୟନ ବେଳେ ଶିକ୍ଷକଙ୍କୁ ଅଧିକ ଭାଗ ନେବାକୁ ପଡିଥାଏ ଏବଂ ଉଚ୍ଚତର ଉଦ୍ଦେଶ୍ୟକୁ ମୂଲ୍ୟାୟନ କରିବାକୁ ପଡିଥାଏ । ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାବେଳେ ପ୍ରତ୍ୟେକ ଉପ ଏକକରେ ପୃଥକ ଭାବରେ ଥିବା ଧାରଣାଗୁଡ଼ିକୁ ଏକତ୍ରିତ କରି ମଧ୍ୟ ଶିକ୍ଷକ ମୂଲ୍ୟାୟନ କରିଥାନ୍ତି ।

ସମାପ୍ତିସୂଚକ ମୂଲ୍ୟାୟନ ପାଇଁ ଶିକ୍ଷକ ଅଧିକ କଠିନ ସ୍ତରର ପ୍ରଶ୍ନ ମଧ୍ୟ ପଚାରିପାରିବେ - ପ୍ରୟୋଗାତ୍ମକ ପ୍ରଶ୍ନ । ଉଦାହରଣ ସ୍ୱରୂପ 'ଚୁମ୍ବକତ୍ୱ' ବିଷୟଟିରେ ଶିକ୍ଷକ ନିମ୍ନ ପ୍ରଶ୍ନଗୁଡ଼ିକ ପଚାରିପାରିବେ ଯେ -ଯଦି ତୁମକୁ ଏକ ଲୁହା ରଡ୍ ଦିଆଯିବ, ତୁମେ କିପରି ଜାଣିବ ଯେ ଏହା ଏକ ସାଧାରଣ ରଡ୍ । ଏହି ପ୍ରଶ୍ନରେ ଶିକ୍ଷାର୍ଥୀ ଚୁମ୍ବକର ଧର୍ମ ଓ ଚୁମ୍ବକତ୍ୱର ନିୟମ ଉପରେ ପାଇଥିବା ଜ୍ଞାନକୁ ବ୍ୟବହାର କରିବ ।

ଗଠନମୂଳକ ମୂଲ୍ୟାୟନ ସାଙ୍ଗେ ସାଙ୍ଗେ କରାଯାଇଥାଏ, ତେଣୁ ଏଥିରେ ସୀମିତ ଧାରଣା ଓ ଅଳ୍ପସଂଖ୍ୟକ ଉଦ୍ଦେଶ୍ୟ ନିଆଯାଏ । ଏହା ସାଙ୍ଗେ ସାଙ୍ଗେ ପ୍ରତିକ୍ରିୟା ଦେଇଥାଏ । ଏଥିରେ ଶିକ୍ଷଣ ପଦ୍ଧତିରେ ପରିବର୍ତ୍ତନ ଆଣିବା ପାଇଁ ମଧ୍ୟ ସୁଯୋଗ ଥାଏ ।

ସମାପ୍ତିସୂଚକ ମୂଲ୍ୟାୟନ ଦୀର୍ଘ ସମୟପାଇଁ ହୋଇଥାଏ ଏବଂ ଏହା ଅଧିକ ବ୍ୟାପକ ଥାଏ । ଏହା ବିଷୟଟିକୁ ଗୋଟିଏ ବୋଲି ଧରିଥାଏ ଏବଂ ଉଚ୍ଚତର ଉଦ୍ଦେଶ୍ୟ ଗୁଡ଼ିକୁ ମୂଲ୍ୟାୟନ କରିଥାଏ ।

ଶିକ୍ଷଣ କାର୍ଯ୍ୟ - ୫

Q.1. ଗଠନମୂଳକ ମୂଲ୍ୟାୟନ ଓ ସମାପ୍ତିସୂଚକ ମୂଲ୍ୟାୟନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

Q.2. ଗଠନମୂଳକ ମୂଲ୍ୟାୟନ ଓ ସମାପ୍ତିସୂଚକ ମୂଲ୍ୟାୟନର ୩ଟି ଲେଖାଏଁ ତ୍ରୁଟିର ତାଲିକା କର ।

## ୬.୬. ଆଭ୍ୟନ୍ତରୀଣ ମୂଲ୍ୟାୟନ

ତୁମେ ଜାଣିଛ ଯେ ଶିକ୍ଷା ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶରେ ଲକ୍ଷ୍ୟ ରଖିଥାଏ । କେବଳ ଜ୍ଞାନ ହାସଲ କରିବା, ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ଯଥେଷ୍ଟ ନୁହେଁ । ଆବଶ୍ୟକୀୟ ମନୋବୃତ୍ତି, ଆଗ୍ରହ, ଦକ୍ଷତା, ବିଭିନ୍ନ ବ୍ୟକ୍ତିଗତ ଓ ସାମାଜିକ ଗୁଣାବଳୀର ବିକାଶ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ବାହ୍ୟପରୀକ୍ଷା ଦ୍ୱାରା ଏହି ଦିଗ ଗୁଡ଼ିକର ମୂଲ୍ୟାୟନ ସମ୍ଭବ ନୁହେଁ ଯେଉଁଥିରେ କି କେବଳ ପେନ୍‌ସିଲ୍ କାଗଜରେ ପରୀକ୍ଷା କରାଯାଏ । ବ୍ୟକ୍ତିଗତ ଗୁଣାବଳୀଗୁଡ଼ିକ ସେ ହିଁ ମୂଲ୍ୟାୟନ କରିପାରିବେ ଯେ କି ଶିକ୍ଷାର୍ଥୀର ପାଖେପାଖେ ରହି ତା' ବିଷୟରେ ଜାଣିଥିବେ । ତେଣୁ ଏହି ପ୍ରକାର ମୂଲ୍ୟାୟନ ପାଇଁ ଜଣେ ଶିକ୍ଷକର ଆବଶ୍ୟକତା ରହିଛି ଯେ କି ଶିକ୍ଷାର୍ଥୀକୁ ପଢାଇଥିବେ ଏବଂ ସେହି ତା'ର ପ୍ରଗତିକୁ ବିଚାର କରିପାରିବେ । ଏହି ମୂଲ୍ୟାୟନ ନିରନ୍ତର ଓ ସାମଗ୍ରିକ ଅଟେ । ଏହାକୁ ଆଭ୍ୟନ୍ତରୀଣ ମୂଲ୍ୟାୟନ କୁହାଯାଏ । ଆଭ୍ୟନ୍ତରୀଣ ମୂଲ୍ୟାୟନ ଶିକ୍ଷାର୍ଥୀର ସମ୍ପୂର୍ଣ୍ଣ ଚିତ୍ରପ୍ରଦାନ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଶିକ୍ଷକଙ୍କୁ ନିର୍ଦ୍ଦିଷ୍ଟ ସାଧନୀ ପରୀକ୍ଷଣ, ରେଟିଂ ସ୍କେଲ, ତନଖି ତାଲିକା) ଓ କୌଶଳ (ପର୍ଯ୍ୟବେକ୍ଷଣ, ସୋସିଓ ମେଟ୍ରିକ୍)

ଟିପ୍ପଣୀ

ବାଛିବାକୁ ପଡିଥାଏ । ଏହା ଶିକ୍ଷାର୍ଥୀର ତିନୋଟି ଦିଗରେ ବିକାଶର ପ୍ରତିକ୍ରିୟା ଯୋଗାଇବାରେ ସାହାଯ୍ୟ କରିଥାଏ । ଏହାକୁ ଆଧାର କରି ଶିକ୍ଷକ ତାଙ୍କର ଅନୁଭୂତିର ଫଳାଫଳ ଜାଣିଥାନ୍ତି । ଶିକ୍ଷକ ଉଚିତ୍ ସମୟରେ ପ୍ରତିକାରାତ୍ମକ ଶିକ୍ଷାଦାନ ଓ ନିଦାନାତ୍ମକ ମୂଲ୍ୟାୟନ ମଧ୍ୟ କରିପାରିବେ ।

ଆଭ୍ୟନ୍ତରୀଣ ମୂଲ୍ୟାୟନ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ପରୀକ୍ଷଣ ମାଧ୍ୟମରେ ହୋଇପାରିବ । ବିଭିନ୍ନ ପରିସ୍ଥିତିରେ ଶିକ୍ଷାର୍ଥୀର ବ୍ୟବହାରକୁ ପର୍ଯ୍ୟବେକ୍ଷଣ ମାଧ୍ୟମରେ ହୋଇପାରିବ ଏବଂ ବିଭିନ୍ନ କାର୍ଯ୍ୟରେ ଶିକ୍ଷାର୍ଥୀର ଅଂଶଗ୍ରହଣକୁ ଦେଖିକରି ମଧ୍ୟ ହୋଇପାରିବ । ଏହି ପ୍ରକ୍ରିୟାରେ ଶିକ୍ଷକ କ୍ରମାଗତଭାବେ ଶିକ୍ଷାର୍ଥୀର ଜ୍ଞାନାତ୍ମକ, ଭାବାତ୍ମକ, କ୍ରିୟାତ୍ମକ ଦିଗକୁ ମୂଲ୍ୟାୟନ କରିଥାନ୍ତି ।

ଯେହେତୁ ଶିକ୍ଷକ ଶିକ୍ଷାର୍ଥୀ ସହିତ ସବୁବେଳେ ରହିଥାନ୍ତି ସେହି ଶିକ୍ଷାର୍ଥୀର ପ୍ରଗତିକୁ ବ୍ୟକ୍ତିଗତଭାବେ ଆଭ୍ୟନ୍ତରୀଣ ମୂଲ୍ୟାୟନ ମାଧ୍ୟମରେ ତଦାରଖ କରିପାରିବେ । ଆଭ୍ୟନ୍ତରୀଣ ମୂଲ୍ୟାୟନ ଶିକ୍ଷାର୍ଥୀକୁ ଉତ୍ତମ ଶିକ୍ଷାଭ୍ୟାସର ବିକାଶରେ ସହାୟକ ହୋଇଥାଏ । ନିରନ୍ତର ମୂଲ୍ୟାୟନ କାରଣରୁ ଶିକ୍ଷାର୍ଥୀକୁ ଶେଷମୁହୂର୍ତ୍ତରେ ଶିକ୍ଷା ଉପରେ ନିର୍ଭର କରିବାକୁ ପଡିନଥାଏ । ଏହା ଶିକ୍ଷାର୍ଥୀ ଉପରେ ପରୀକ୍ଷା ଜନୀତ ଅଯଥା ଚାପକୁ କମାଇଥାଏ ଏବଂ ଏହା ଶିକ୍ଷାର୍ଥୀ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ନିମିତ୍ତ ସହାୟତା କରିଥାଏ ।

ଫଳପ୍ରଦ ଆଭ୍ୟନ୍ତରୀଣ ମୂଲ୍ୟାୟନ ନିମନ୍ତେ ଶିକ୍ଷକଙ୍କୁ ମୂଲ୍ୟାୟନର ବିଭିନ୍ନ ସାଧନୀ ଓ କୌଶଳ ବ୍ୟବହାର କରିବାକୁ ପଡିଥାଏ । କିନ୍ତୁ ଆଭ୍ୟନ୍ତରୀଣ ମୂଲ୍ୟାୟନକୁ ଫଳପ୍ରଦ କରିବାପାଇଁ ଜଣେ ଶିକ୍ଷକଙ୍କୁ ଉପଯୁକ୍ତ ତାଲିମ୍ ନେବାକୁ ପଡିବ ।

**ଶିକ୍ଷଣକାର୍ଯ୍ୟ -୬**

ପ୍ର.୧. ତୁମ ଶ୍ରେଣୀରେ ଆଭ୍ୟନ୍ତରୀଣ ମୂଲ୍ୟାୟନ କରିବା ନିମନ୍ତେ ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗ ଗୁଡ଼ିକର କ୍ଷେତ୍ରଗୁଡ଼ିକୁ ତାଲିକା କର ।

-----------------------------------------------------------------------------

-----------------------------------------------------------------------------

---------------------------------------------------------

ପ୍ର.୨. ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗକୁ ମୂଲ୍ୟାୟନ କରିବାପାଇଁ ବିଭିନ୍ନ ଶିକ୍ଷଣକାର୍ଯ୍ୟ ସହ ମୂଲ୍ୟାୟନ ପ୍ରକ୍ରିୟାର ଏକ ନେଇ ଯୋଜନା ପ୍ରସ୍ତୁତ କର ।

-----------------------------------------------------------------------------

-----------------------------------------------------------------------------

---------------------------------------------------------

ଉପରୋକ୍ତ ଆଲୋଚନାରୁ ତୁମେ ଅନୁଭବ କଲ ଯେ ଉପଯୁକ୍ତ ମୂଲ୍ୟାୟନ ନିମନ୍ତେ ତିନୋଟିଯାକ ଦିଗକୁ ସମାନ ଭାବରେ ଗୁରୁତ୍ୱ ଦିଆଯିବା ଉଚିତ୍ । ମୂଲ୍ୟାୟନକୁ ନିରନ୍ତର ତଥା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗଭାବେ ପ୍ରସ୍ତୁତ କରିବାକୁ ହେବ ।

କିନ୍ତୁ ପ୍ରକୃତରେ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଠାରୁ ବହୁତ ଦୂରରେ ଥାଇ ମୂଲ୍ୟାୟନ କରାଯାଉଛି । ଦେଖାଯାଇଛି ଯେ ଏହା ମୁଖ୍ୟତଃ ପ୍ରସଙ୍ଗ ଓ ଜ୍ଞାନାତ୍ମକ ଦିଗର ନିମ୍ନତମ ଉଦ୍ଦେଶ୍ୟ ଉପରେ ଅଧିକ ଗୁରୁତ୍ୱ ଦେଇଛି । ବର୍ତ୍ତମାନର ମୂଲ୍ୟାୟନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେଲେ ଶିକ୍ଷା ବ୍ୟବସ୍ଥାରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରିବାକୁ ପଡିବ ।

ଟିପ୍ପଣୀ

## ୬.୭. ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ (CCE)

ଆମ ଶିକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୂକ୍ତ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ପଛରେ ଥିବା ଯୁକ୍ତିଯୁକ୍ତତାକୁ ଆମେ ବୁଝିବାକୁ ଚେଷ୍ଟା କରିବା । କୋଠାରୀ କମିଶନ ରିପୋର୍ଟ (୧୯୬୬) କହିଛି ଯେ ବିଦ୍ୟାଳୟରେ କରାଯାଉଥିବା ଆଭ୍ୟନ୍ତରୀଣ ମୂଲ୍ୟାୟନର ଅନେକ ବିଶେଷତ୍ୱ ରହିଛି । ଏହାକୁ ଅଧିକ ଗୁରୁତ୍ୱଦେବା ଉଚିତ୍ । ଏହା ସାମଗ୍ରିକ ହେବା ଉଚିତ୍ । ଯାହାକି ଶିକ୍ଷାର୍ଥୀମାନଙ୍କର ସମସ୍ତ ଦିଗକୁ ମୂଲ୍ୟାୟନ କରିଥାଏ । ଯେଉଁଗୁଡିକ ପରୀକ୍ଷଣ ମାଧ୍ୟମରେ ମାପ କରାଯାଇଥାଏ । ଶିକ୍ଷାର୍ଥୀର ସମସ୍ତ ବ୍ୟକ୍ତତ୍ୱର ଗୁଣାବଳୀ, ଆଗ୍ରହ ଓ ମନୋବୃତ୍ତିକୁ ମୂଲ୍ୟାୟନ କରିଥାଏ ।

ଜାତୀୟ ଶିକ୍ଷା ନୀତି (୧୯୮୬) ରେ ଦର୍ଶାଯାଇଛି ଯେ ସାମଗ୍ରିକ ଓ ନିରନ୍ତର ମୂଲ୍ୟାୟନକୁ ଉଭୟ ଶୈକ୍ଷିକ ଓ ସହ ଶୈକ୍ଷିକ କ୍ଷେତ୍ରର ମୂଲ୍ୟାୟନ ନିମନ୍ତେ ଉପଯୋଗ କରିବା ଉଚିତ୍ ।(8.24.iii)

ଜାତୀୟ ପାଠ୍ୟକ୍ରମ ଆଧାର (୨୦୦୫) ଶିକ୍ଷାରେ ସଂସ୍କାର ଆଣିବାକୁ ପ୍ରସ୍ତାବ ଦେଇଛି । ଏହାର ଶିକ୍ଷାର ଉଦ୍ଦେଶ୍ୟ ସନ୍ଦର୍ଭ - ଏନ୍.ସି.ଏଫ୍. - ୨୦୦୫ NCERT କହିଛି ଯେ ବିଦ୍ୟାଳୟ ଭିତ୍ତିକ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ବ୍ୟବସ୍ଥା ସୃଷ୍ଟି କରାଯିବା ଉଚିତ୍ । ଏହା ନିମ୍ନୋକ୍ତ କାର୍ଯ୍ୟ ପାଇଁ ଉପଯୋଗୀ -

- ଶିକ୍ଷାର୍ଥୀ ଉପରୁ ଚାପ କମାଇଥାଏ ।
- ମୂଲ୍ୟାୟନ ସାମଗ୍ରିକ ଓ ନିୟମିତ ହୋଇଥାଏ ।
- ସୃହନଶୀଳ ଶିକ୍ଷାଦାନ ନିମିତ୍ତ ସୁଯୋଗ ପ୍ରଦାନ କରେ ।
- ପ୍ରତିକାରମୂଳକ ପଦକ୍ଷେପ ନେବାର ଏକ ସାଧନୀ ଯୋଗାଏ ।
- ଉଚ୍ଚ ଦକ୍ଷତା ସମ୍ପନ୍ନ ଶିକ୍ଷାର୍ଥୀ ପ୍ରସ୍ତୁତ କରେ ।

ଶିକ୍ଷା ଅଧିକାର ଅଧିନିୟମ - ୨୦୦୯ରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାରେ କୁହାଯାଇଛି ଯେ

ଭାରତ ସରକାର ଏକ ନୂଆ ଅଧିନିୟମ ପ୍ରଣୟନ କରିଛନ୍ତି - ୬ - ୧୪ ବର୍ଷ ମଧ୍ୟରେ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳ ଓ ଶିକ୍ଷା ଦିଆଯିବା ଉଚିତ୍ ।

ଏହି ନିୟମ ସାରା ଦେଶରେ କାର୍ଯ୍ୟକାରୀ କରାଗଲା କେବଳ କାଶ୍ମୀରରେ ଏହା ୨୦୧୦ ଏପ୍ରିଲ୍ ୧ ରେ କାର୍ଯ୍ୟକାରୀ ହେଲା ।

ଏହା କହିଛି ଯେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ବୋର୍ଡ ପରୀକ୍ଷା ଦେବେନାହିଁ ଏବଂ ୨୦୧୦ - ୧୧ ପରଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ କାର୍ଯ୍ୟକାରୀ ହେଲା ।

ତୁମେ ଏହି ବିଷୟରେ ପୂର୍ବରୁ ଏକକ - ୧ "ଭାରତରେ ପ୍ରାଥମିକ ଶିକ୍ଷା - ଏକ ସାମାଜିକ - ସାଂସ୍କୃତିକ ଦୃଷ୍ଟିଭଙ୍ଗୀ" ରେ ପଢିସାରିଛ । ଏବେ ଆମେ CCE ଉପରେ ଅଧିକ ପଢ଼ିବା ।

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ କଣ (CCE) ?

CCE ହେଉଛି ବିଦ୍ୟାଳୟ ସ୍ତରରେ ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ କରିବାର ଏକ ବ୍ୟବସ୍ଥା ଯାହାକି ଶିକ୍ଷାର୍ଥୀ ବ୍ୟକ୍ତିତ୍ୱର ସମସ୍ତ ଦିଗକୁ ଦର୍ଶାଇଛି । ଏହା ଏକ ଶୈକ୍ଷିକ ପ୍ରଚେଷ୍ଟା ଯାହାକି ପରୀକ୍ଷଣରୁ ସର୍ବାଙ୍ଗୀନ ଶିକ୍ଷଣ ଆଡ଼କୁ ପରିବର୍ତ୍ତନ ଆଣିଛି ।

ନିରନ୍ତରର ଅର୍ଥ ହେଲା ଯେ ଶିକ୍ଷାର୍ଥୀର ବୃଦ୍ଧି ଓ ବିକାଶର ନିର୍ଦ୍ଦିଷ୍ଟ ଦିଗକୁ ମୂଲ୍ୟାୟନ କରିବା ଏକ ନିରନ୍ତର ପ୍ରକ୍ରିୟା

ଟିପ୍ପଣୀ

ଏବଂ ଏସବୁକୁ ପୃଥକ କରିହେବ ନାହିଁ । ଏସବୁ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ସମୟରେ ବର୍ଷ ମଧ୍ୟରେ ମନକୁ ମନ ସୃଷ୍ଟି ହେବ ।

ସାମଗ୍ରିକର ଅର୍ଥ ହେଲା - ଉଭୟ ଶୈକ୍ଷିକ(ଅର୍ଥାତ୍ ଜ୍ଞାନାତ୍ମକ ଉଦ୍ଦେଶ୍ୟକୁ ଧରାଯାଏ) ଓ ସହ ଶୈକ୍ଷିକ(ଅର୍ଥାତ୍ ଭାବାତ୍ମକ ଓ କ୍ରିୟାତ୍ମକ ଉଦ୍ଦେଶ୍ୟକୁ ବୁଝାଏ) ଦିଗରେ ଶିକ୍ଷାର୍ଥୀର ବୃଦ୍ଧି ଓ ବିକାଶ ।

CCE ଦ୍ୱାରା କଣ ହାସଲ କରାଯିବ ?

CCE ର ମୂଳ ଉଦ୍ଦେଶ୍ୟ ହେଲା ଶିକ୍ଷଣ ଓ ବ୍ୟାବହାରିକ ଫଳାଫଳକୁ ଆଧାର କରି ମୂଲ୍ୟାୟନ ଓ ଆକଳନରେ ଏକ ଧାରାବାହିକତା ରଖିବା ।

ଏହା ସାହାଯ୍ୟରେ ନିମ୍ନଲିଖିତ ଫଳାଫଳକୁ ହାସଲ କରିହେବ -

- ଦକ୍ଷତାର ବିକାଶରେ ସହାୟକ ହେବ । (ଜ୍ଞାନାତ୍ମକ ଓ ମନୋକ୍ରିୟାତ୍ମକ)
- ଚିନ୍ତନ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେବା ସହ ଘୋଷା ପଦ୍ଧତିରୁ ମୁକ୍ତ କରିବ ।
- ମୂଲ୍ୟାୟନକୁ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ଏକ ଅଂଶଭାବେ ଗ୍ରହଣ କରିବ ।
- ମୂଲ୍ୟାୟନକୁ ଶିକ୍ଷାର୍ଥୀର ଉପଲବ୍ଧି ସ୍ତର ବିକାଶରେ ବ୍ୟବହାର କରିବ ।
- ନିୟମିତ ନିଦାନାତ୍ମକ ଓ ପ୍ରତିକାରାତ୍ମକ ପଦକ୍ଷେପ ଆଧାରରେ ଶିକ୍ଷାଦାନ - ଶିକ୍ଷଣ କୌଶଳ ପରିବର୍ତ୍ତନ ପାଇଁ ପରାମର୍ଶ ଦେବ ।
- ଶିକ୍ଷାଦାନ -ଶିକ୍ଷଣ ପ୍ରକ୍ରିୟାକୁ ଏକ 'ଶିକ୍ଷାର୍ଥୀ - କୈନ୍ଦ୍ରିକକ କାର୍ଯ୍ୟରେ ପରିଣତ କରିବ ।'

ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ CCE କିପରି ଉପଯୋଗୀ ହୋଇଥାଏ ।

- ବ୍ୟକ୍ତିନିଷ୍ଠତା ଓ ସୁଯୋଗର ହ୍ରାସ ହୋଇଥାଏ ।
- ଘୋଷା ପଦ୍ଧତିକୁ ନିରୁତ୍ସାହିତ କରିଥାଏ ।
- ଶୈକ୍ଷିକ ଓ ସହ-ଶୈକ୍ଷିକ ଦିଗକୁ ନେଇ ସାମଗ୍ରିକ ମୂଲ୍ୟାୟନ ପାଇଁ ପ୍ରୋତ୍ସାହନ ଦେଇଥାଏ ।
- ସମ୍ପୂର୍ଣ୍ଣ ଶୈକ୍ଷିକ ସମୟ ମଧ୍ୟରେ ନିରନ୍ତର ମୂଲ୍ୟାୟନ କରିଥାଏ ।
- ଫଳପ୍ରଦ ବ୍ୟବହାର ପାଇଁ ଫଳାଫଳର ଅର୍ଥପୂର୍ଣ୍ଣ ଓ ବ୍ୟାବହାରିକ ଘୋଷଣା ।
- ନିଦାନାତ୍ମକ ଓ ପ୍ରତିକାରାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ବିକାଶ ପାଇଁ ପରୀକ୍ଷଣର ବ୍ୟବହାର ।
- ପରୀକ୍ଷା ଆୟୋଜନ କରିବାର ପ୍ରଣାଳୀରେ ଉନ୍ନତି ।
- ଶୈକ୍ଷିକ ଉପକରଣ ଓ ପଦ୍ଧତିରେ ପରିବର୍ତ୍ତନ ।
- ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟାବଳୀ ଜାଣିବାପାଇଁ ମାର୍କ ପରିବର୍ତ୍ତେ ଗ୍ରେଡ୍ ବ୍ୟବସ୍ଥା ।

### ୬.୭.୧. CCE ପାଇଁ ସାଧନୀ

ଯେହେତୁ CCE ହେଉଛି ନିରନ୍ତର ଓ ସାମଗ୍ରିକ, ତୁମକୁ ତୁମ ଶିକ୍ଷାର୍ଥୀମାନଙ୍କୁ ଉଭୟ ସଂକ୍ଷିପ୍ତ ବ୍ୟବଧାନ ଓ ଦୀର୍ଘବ୍ୟବଧାନ ଉଦ୍ଦେଶ୍ୟ ପାଇଁ ମୂଲ୍ୟାୟନ କରିବାକୁ ହେବ । ତେଣୁ ତୁମକୁ ଉଭୟ ଗଠନମୂଳକ ଓ ସମାପ୍ତିସୂଚକ ସ୍ତରରେ CCE କୁ କାର୍ଯ୍ୟକାରୀ କରିବାକୁ ହେବ ।

### ୬.୭.୧.୧. ଗଠନମୂଳକ ମୂଲ୍ୟାୟନ ପାଇଁ CCE

- ଦୈନନ୍ଦିନ ପର୍ଯ୍ୟବେକ୍ଷଣ



ଟିପ୍ପଣୀ

- ମୌଖିକ କାର୍ଯ୍ୟ(ପ୍ରଶ୍ନ ଉତ୍ତର, ଉଚ୍ଚପଠନ, ଆଲୋଚନା, ନାଟକ ଅଭିନୟ, ସାକ୍ଷାତକାର, ଦଳଗତ ଆଲୋଚନା ଇତ୍ୟାଦି ।)
- ପ୍ରୟୋଗ କାର୍ଯ୍ୟ / ପରୀକ୍ଷଣ
- ଶିକ୍ଷଣ କାର୍ଯ୍ୟ (ବ୍ୟକ୍ତିଗତ, ଦଳଗତ, ସ୍ୱ- ଅଧ୍ୟୟନ)
- ପ୍ରକଳ୍ପ କାର୍ଯ୍ୟ
- ପରୀକ୍ଷଣ(ଅଳ୍ପ ସମୟର ଅନୌପଚାରିକ ପରୀକ୍ଷା, ମୁକ୍ତ ବହି ପରୀକ୍ଷା, ଇତ୍ୟାଦି ।)
- ଗୃହକର୍ମ / ଶ୍ରେଣୀ କାର୍ଯ୍ୟ (ଅନୌପଚାରିକ, ବର୍ଣ୍ଣନାତ୍ମକ, ରଚନାତ୍ମକ, ବିବରଣୀ, ଗଳ୍ପ ଓ ରଚନା ଲିଖନ, ସଂଳାପ, କଳ୍ପନାର ପରିପ୍ରକାଶ ଇତ୍ୟାଦି ।)
- ଅନ୍ୟାନ୍ୟ (ପ୍ରଶ୍ନାବଳୀ, ସ୍ୱ-ମୂଲ୍ୟାୟନ, ସହପାଠୀଙ୍କ ଦ୍ୱାରା ମୂଲ୍ୟାୟନ, ଦଳଗତ କାର୍ଯ୍ୟ ଓ ଅନ୍ୟାନ୍ୟ ସାଧନୀ)

### ୬.୭.୧.୨. ସମାପ୍ତିସୂଚକ ମୂଲ୍ୟାୟନ ପାଇଁ CCE

-ଲିଖିତ, ମୌଖିକ ଓ କାର୍ଯ୍ୟଭିତ୍ତିକ ଆକାରରେ

-ପ୍ରଥମ ଓ ଦ୍ୱିତୀୟ ଅର୍ଦ୍ଧବାର୍ଷିକୀ ପରୀକ୍ଷା ଶେଷରେ

ତୁମେ ଅନୁଭବ କରିଥିବ ଯେ ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ନିମନ୍ତେ CCE ହେଉଛି ଏକ ସକାରାତ୍ମକ ପଦକ୍ଷେପ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଏହା ଅନେକ ସମସ୍ୟାର ସମ୍ମୁଖୀନ ହେଉଛି । ସେଗୁଡିକ ହେଲା -

- ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ବିଶିଷ୍ଟ ଶ୍ରେଣୀ
- ଉଚ୍ଚ ଶିକ୍ଷାର୍ଥୀ /ଶିକ୍ଷକ ଅନୁପାତ
- ଶିକ୍ଷାର୍ଥୀଙ୍କ ମଧ୍ୟରେ ଭିନ୍ନତା
- ସମୟ
- ତଦାରଖ ଓ ପରାମର୍ଶ
- ପ୍ରତିକାରାତ୍ମକ ଓ ସମୃଦ୍ଧିମୂଳକ ପଦକ୍ଷେପ
- ଶିକ୍ଷାଦାନ - ଶିକ୍ଷଣ ସମ୍ବଳ
- ଅସମାନ ଉପଯୋଗିତା
- ପକ୍ଷପାତିତା ଓ ପ୍ରତିଶୋଧ ପରାୟଣତାକୁ ବନ୍ଦ କରିବା
- ଉଚ୍ଚ ଶ୍ରେଣୀରେ CCEରୁ ପାରମ୍ପରିକ ଶିକ୍ଷାଦାନକୁ ପରିବର୍ତ୍ତନ କରିବା

ଏହି ସମସ୍ତ ସମସ୍ୟାର ସମାଧାନ କରିବାକୁ ହେଲେ ଶିକ୍ଷକଙ୍କର ସକାରାତ୍ମକ ମନୋବୃତ୍ତି, ମୁକ୍ତ - ଚିନ୍ତାଧାରା, ଦାୟିତ୍ୱବୋଧ ବ୍ୟବହାର, ଏକ ନୂତନ ପରିବର୍ତ୍ତନ ଆଣିବାର ଇଚ୍ଛାଥିବା ଆବଶ୍ୟକ ।

## ୬.୮. ନିଦାନାତ୍ମକ ପରୀକ୍ଷଣ ଓ ପ୍ରତିକାରାତ୍ମକ ଶିକ୍ଷାଦାନ

'ନିଦାନାତ୍ମକ' ଓ 'ପ୍ରତିକାରାତ୍ମକ' ଶବ୍ଦଦୁଇଟି ଚିକିତ୍ସା କ୍ଷେତ୍ରରୁ ଅଣାଯାଇଛି । ଯେତେବେଳେ ରୋଗୀଟିଏ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତାକୁ ରୋଗର ଲକ୍ଷଣ ବିଷୟରେ ପ୍ରଶ୍ନକରନ୍ତି ଏବଂ ଚିକିତ୍ସା ପାଇଁ ପ୍ରସ୍ତାବ ଦିଅନ୍ତି ।

ସେ ରୋଗୀକୁ ୨ - ୩ ଦିନ ପର୍ଯ୍ୟନ୍ତ ଔଷଧ ଖାଇ ଚିକିତ୍ସାରେ ରହି କଣ ହେଲା ତା ଉପରେ ରିପୋର୍ଟ ଦେବାକୁ

ଟିପ୍ପଣୀ

କୁହନ୍ତି । ଯଦି ରୋଗୀ ତାକୁ ଭଲ ଲାଗୁଛି କହିଲା ତେବେ ରୋଗୀର ସ୍ୱାସ୍ଥ୍ୟ ଅନୁଯାୟୀ ତାକୁ ସେହି ଔଷଧ ଚାଲୁ ରଖିବାକୁ କୁହନ୍ତି କିମ୍ବା ଔଷଧ ବନ୍ଦ କରି ଦେବାକୁ କୁହନ୍ତି । କିନ୍ତୁ ଯଦି ରୋଗୀର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ହେଲା  ତେବେ ସେ ଔଷଧ ପରିବର୍ତ୍ତନ କରନ୍ତି ଓ କିଛି ପରୀକ୍ଷା କରିବାକୁ କହନ୍ତି । ଡାକ୍ତର ଜାଣିଥାନ୍ତି ଯେ ଯଦିଓ ଦୁଇଜଣ ରୋଗୀଙ୍କର ରୋଗର ଲକ୍ଷଣ ସମାନ କିନ୍ତୁ ରୋଗର କାରଣ ଭିନ୍ନ ହୋଇଥାଏ । ତେଣୁ ଏହାଦ୍ୱାରା ଡାକ୍ତର ସିଧାସଳଖ ରୋଗର କାରଣ ଜାଣି ଉପଯୁକ୍ତ ଚିକିତ୍ସା କରିଥାନ୍ତି ।

ସମାନ ପରିସ୍ଥିତି ଶିକ୍ଷାଦାନ - ଶିକ୍ଷଣ କ୍ଷେତ୍ରରେ ହୋଇଥାଏ । ଗୋଟିଏ ଶ୍ରେଣୀରେ ଅନେକ ପ୍ରକାର ଶିକ୍ଷାର୍ଥୀ ଥାନ୍ତି, ପ୍ରତ୍ୟେକଙ୍କର ଭିନ୍ନଭିନ୍ନ ପୃଷ୍ଠଭୂମି ଥାଏ, ମନୋବୃତ୍ତି, ପସନ୍ଦ, ନାପସନ୍ଦ ରହିଥାଏ । ଶିକ୍ଷକ ଏ ସମସ୍ତଙ୍କ ସହ ମିଶିଥାନ୍ତି । ଏହି ପ୍ରକ୍ରିୟାରେ କିଛି ଶିକ୍ଷାର୍ଥୀ କିମ୍ବା ଅନ୍ୟ କାରଣରୁ ଶିକ୍ଷାର୍ଥୀ ଅନୁପସ୍ଥିତ ରହିଥାଏ ଏବଂ ଶିକ୍ଷଣରୁ ନିବୃତ୍ତ ରହିଥାଏ । ଏହି କ୍ଷେତ୍ରରେ ଶିକ୍ଷକ ଶିକ୍ଷାର୍ଥୀର ନିର୍ଦ୍ଦିଷ୍ଟ ଅସୁବିଧାକୁ ଜାଣିବା ଆବଶ୍ୟକ । ଏଠାରେ ଶିକ୍ଷକ ସେହି ଶିକ୍ଷାର୍ଥୀର ନିର୍ଦ୍ଦିଷ୍ଟ ବିଷୟକୁ ସରଳରୁ ଜଟିଳ ଆଡକୁ ନେଇ ମୂଲ୍ୟାୟନ କରେ । ଥରେ ଯଦି ଶିକ୍ଷଣର ଅସୁବିଧା ଚିହ୍ନଟ ହୋଇଗଲା, ଶିକ୍ଷକ ତାପାଇଁ ପ୍ରତିକାରମୂଳକ ଶିକ୍ଷଣର ବ୍ୟବସ୍ଥା କରିଥାନ୍ତି ।

ଉଦାହରଣ : ଶିକ୍ଷକ ଅନୁଭବ କରିବେ ଯେ 'ରାସାୟନିକ ସମୀକରଣ' ଏକକଟିକୁ ପଢାଇସାରିଲା ପରେ କେତେକ ଶିକ୍ଷାର୍ଥୀ ତାକୁ ସମତୁଲ ଆକାରରେ ଲେଖି ପାରନ୍ତି ନାହିଁ । ବର୍ତ୍ତମାନ ଶିକ୍ଷାର୍ଥୀ କାହିଁକି ତାହା କରିପାରୁନାହିଁ ଜାଣିବାକୁ ଚେଷ୍ଟା କରିବେ ।

ପ୍ରଥମ ସୋପାନରେ ଶିକ୍ଷକ ସମାନ୍ୟ ଯୋଗ୍ୟତା ଥିବା ରେଡିକାଲମାନଙ୍କୁ ନେଇ ସମୀକରଣ ଦେବେ ।

୧. Eexa. Na+ Cl- - Nacl

୨. ତା' ପରେ ବିଭିନ୍ନ ଯୋଗ୍ୟତା ଥିବା ରେଡିକାଲକୁ ନେଇ ସମୀକରଣ ଦେବେ ଯଥା Mg2+  ଓ Cl ଏବଂ ଶିକ୍ଷାର୍ଥୀମାନଙ୍କୁ ସମୀକରଣ ସମତୁଲ କରିବାକୁ କହିବେ ।

୩. ଧୀରେଧୀରେ ସେ ସମୀକରଣର କଠିନତା ସ୍ତର ବଢ଼ାଇବେ ଯେଉଁଠାରେ ସେ ସମସ୍ୟାର ପ୍ରକୃତ ସ୍ୱରୂପକୁ ଜାଣିବାକୁ ପାଇବେ । ସେ ହୁଏତ ଶିକ୍ଷାର୍ଥୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ଅନୁଭବ କରିବେ ।

ତା'ପରେ ହିଁ ଶିକ୍ଷକ ତା ପାଇଁ ଆବଶ୍ୟକ ପ୍ରତିକାରାତ୍ମକ କାର୍ଯ୍ୟକ୍ରମ କରିପାରିବେ ଯେପରିକି ଶିକ୍ଷାର୍ଥୀ ତାର ଶିକ୍ଷଣ ସମସ୍ୟାକୁ ସମାଧାନ କରିପାରିବ । ଶିକ୍ଷକ ବ୍ୟକ୍ତିଗତ କିମ୍ବା ଦଳଗତ ପ୍ରତିକାର କାର୍ଯ୍ୟକ୍ରମ ଯୋଜନା କରିପାରିବେ ।

**ଶିକ୍ଷଣ କାର୍ଯ୍ୟ - ୭**

୧ - ବିଜ୍ଞାନ ଶିକ୍ଷଣରେ ନିଦାନାତ୍ମକ ପରୀକ୍ଷଣ ଓ ପ୍ରତିକାରାତ୍ମକ ଶିକ୍ଷାଦାନର ଗୁରୁତ୍ୱ ବର୍ଣ୍ଣନା କର ।

-----------------------------------------------------------------------------------------

-----------------------------------------------------------------------------------------

-----------------------------------------------------------

୨. ନିଦାନାତ୍ମକ ପରୀକ୍ଷଣ କିପରି ଉପଯୁକ୍ତ ପ୍ରତିକାରାତ୍ମକ ଶିକ୍ଷାଦାନ ପାଇଁ ସହାୟକ ହୋଇଥାଏ ବର୍ଣ୍ଣନା କର ।

-----------------------------------------------------------------------------------------

-----------------------------------------------------------------------------------------

-----------------------------------------------------------------------------------------

-----------------------------------------------------------

ଟିପ୍ପଣୀ

୩. ଯେକୌଣସି ଗୋଟିଏ ପିଲାପାଇଁ ନିଦାନାତ୍ମକ ପରୀକ୍ଷଣଟିଏ କର ଯିଏ କି ତୁମ ଶ୍ରେଣୀରେ ନିର୍ଦ୍ଧିଷ୍ଟ ବିଷୟଗତ ସମସ୍ୟାର ସମ୍ମୁଖୀନ ହେଉଛି । ପରୀକ୍ଷଣର ଫଳାଫଳକୁ ବିଶ୍ଳେଷଣ କର ଏବଂ ତାପାଇଁ ଏକ ପ୍ରତିକାରାତ୍ମକ ଶିକ୍ଷାଦାନ ପ୍ରସ୍ତୁତ କର ।

## ୬.୯. ମୂଲ୍ୟାୟନ : ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗ

ଏ ପର୍ଯ୍ୟନ୍ତ ତୁମେ ଦେଖିଛ ଯେ ବ୍ୟକ୍ତିତ୍ୱର ତିନୋଟି ଦିଗ ଅଛି ଏବଂ ସେମାନେ ପରସ୍ପର ପରିପୂରକ (Exclusive) ନହେଲେ ମଧ୍ୟ ସେମାନେ ଭିନ୍ନ ଅଟନ୍ତି । ଜ୍ଞାନାତ୍ମକ ଦିଗଟି ମସ୍ତିଷ୍କର ବିକାଶ, ଭାବାତ୍ମକଦିଗଟି ହୃଦୟର ବିକାଶ ଓ କ୍ରିୟାତ୍ମକ ଦିଗଟି ହାତ ଓ ଶରୀରର ବିକାଶ ସହିତ ସମ୍ପୃକ୍ତ ଥାଏ । ତେଣୁ ବାସ୍ତବରେ ପ୍ରତ୍ୟେକ ଦିଗର ମୂଲ୍ୟାୟନ କୌଶଳ ଭିନ୍ନ ଅଟେ ।

ଜ୍ଞାନାତ୍ମକ ଦିଗ :- ଏହା ମୁଖ୍ୟତଃ ଶୈକ୍ଷିକ କାର୍ଯ୍ୟ ଉପରେ ଧ୍ୟାନ ଦେଇଥାଏ ଓ ମୌଖିକ ପ୍ରଶ୍ନ କିମ୍ବା ପରୀକ୍ଷଣ ଦ୍ୱାରା ମୂଲ୍ୟାୟନ କରାଯାଏ ।

ଭାବାତ୍ମକ ଦିଗ - ଏହା ଶିକ୍ଷାର୍ଥୀର ଆବେଗ, ମନୋବୃତ୍ତି, ଆଗ୍ରହ ସହିତ ସମ୍ପୃକ୍ତ,ଏହି ଦିଗରେ ଉଦ୍ଦେଶ୍ୟ ପୂରଣ ପାଇଁ ଅଧିକ ସମୟ ଲାଗିଥାଏ । କିନ୍ତୁ ଏହି ଦିଗରେ ବିକାଶକୁ ମୂଲ୍ୟାୟନ କରିବା ଶିକ୍ଷକଙ୍କ ପାଇଁ ଏକ ଆହ୍ୱାନ ଅଟେ । ଶିକ୍ଷକ ପ୍ରକଳ୍ପ, ଦଳଗତ, ଆଲୋଚନା, ବିତର୍କକୁ ଏଥିପାଇଁ ବ୍ୟବହାର କରିପାରିବେ । ଶିକ୍ଷକଙ୍କ ଦ୍ୱାରା କ୍ଷେତ୍ର ପରିଭ୍ରମଣର ବ୍ୟବସ୍ଥା ହୋଇପାରିବ ଏବଂ ଶିକ୍ଷାର୍ଥୀଙ୍କୁ ପର୍ଯ୍ୟବେକ୍ଷଣ ଦ୍ୱାରା ମଧ୍ୟ ମୂଲ୍ୟାୟନ କରାଯାଇପାରିବ ।

କ୍ରିୟାତ୍ମକ ଦିଗ :- ଏହି ଦିଗଟି ମାଂସପେଶୀୟ ବିକାଶକୁ ସମ୍ପୃକ୍ତ କରିଥାଏ । ଏହି ଦିଗରେ ଶିକ୍ଷାର୍ଥୀକୁ ମୂଲ୍ୟାୟନ କରିବା ଜଣେ ବିଜ୍ଞାନ ଶିକ୍ଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଜ୍ଞାନ ଶିକ୍ଷକଙ୍କ ପାଇଁ ବ୍ୟାବହାରିକ ପରୀକ୍ଷା (practical examination) ହେଉଛି ମନୋକ୍ରିୟାତ୍ମକ ଦିଗକୁ ମୂଲ୍ୟାୟନ କରିବାର ଏକ ଉତ୍ତମ ସାଧନୀ ଅଟେ ।

**ଶିକ୍ଷଣକାର୍ଯ୍ୟ - ୮**

୧. ତୁମ ପସନ୍ଦର ଗୋଟିଏ ଏକକ ବାଛ । ଏହି ଏକକ ଆଧାରରେ ସମସ୍ତ ଦିଗକୁ ମୂଲ୍ୟାୟନ କରିବା ପାଇଁ ଏକ ସାମଗ୍ରିକ ଯୋଜନା ପ୍ରସ୍ତୁତ କର ।

## ୬.୧୦. ଶିକ୍ଷାର୍ଥୀର ଧାରଣା, ଦକ୍ଷତା ଓ ମନୋବୃତ୍ତିର ଆକଳନ ନିମିତ୍ତ ଢାଞ୍ଚା ଗଠନ କରିବା

ଏକବିଂଶ ଶତାବ୍ଦୀର ଶିକ୍ଷକଙ୍କ ପାଇଁ ଜ୍ଞାନର ବିସ୍ଫୋରଣ ଏକ ବାସ୍ତବତା ଅଟେ । ପ୍ରଯୁକ୍ତିବିଦ୍ୟାର ବିକାଶ ଦ୍ୱାରା ଗୋଟିଏ ମାଉସ୍‌ର କ୍ଲିକ୍‌ରେ ଜ୍ଞାନ ଉପଲବ୍ଧ ହେଉଛି । ଏଥିପାଇଁ ଶିକ୍ଷାର୍ଥୀମାନେ ସମୟ ଅନୁଯାୟୀ ନିଜକୁ ଖାପଖୁଆଉଛନ୍ତି । ତେଣୁ ଶିକ୍ଷକଙ୍କୁ ଏଥିପାଇଁ ସକ୍ରିୟ ହୋଇ ଖାପଖୁଆଇବାକୁ ହେବ । ଶିକ୍ଷକ କେବଳ ଜ୍ଞାନ ପ୍ରାପ୍ତ

ଟିପ୍ପଣୀ

କରିବେ ନାହିଁ ବରଂ ବିଭିନ୍ନ ଶିକ୍ଷଣ ପଦ୍ଧତି ଉପରେ ନିଜକୁ ମାର୍ଜିତ କରିବେ । ଶିକ୍ଷକଙ୍କୁ ନିଜ ଶୈଳୀରେ ସୃଜନାତ୍ମକ ହେବାକୁ ପଡିବ । ସୃଜନାତ୍ମକ ହେବାକୁ ତାଙ୍କୁ ଉପଲବ୍ଧ ସମ୍ବଳରେ ଉନ୍ନତି ଆଣିବା ସହିତ ଶିକ୍ଷାର୍ଥୀଠାରେ ବୈଜ୍ଞାନିକ ମନୋବୃତ୍ତି ବିକାଶ କରିବାକୁ ପଡ଼ିବ । ବିଜ୍ଞାନ ଶିକ୍ଷକଙ୍କୁ ପ୍ରଦର୍ଶନ କଳାରେ ନିପୁଣ ହେବାକୁ ପଡିବ । ସମସ୍ତ ଶିକ୍ଷାର ପ୍ରୟୋଗ କରି ବିଜ୍ଞାନ ଶିକ୍ଷଣକୁ ଫଳପ୍ରଦ କରିବାକୁ ଓ ଶିକ୍ଷାର୍ଥୀର ବାସ୍ତବ ଜୀବନକୁ ସମ୍ପର୍କିତ କରିବାକୁ ସେମାନଙ୍କୁ ସୃଜନୀଶୀଳ ହେବାକୁ ପଡିବ ।

ବିଜ୍ଞାନ ହେଉଛି ଏକ ବ୍ୟାବହାରିକ (practical) ବିଷୟ ଏବଂ ଏହା ବାସ୍ତବ ଜୀବନରେ ସବୁଠାରେ ବ୍ୟବହାର ହୋଇଥାଏ । ବାସ୍ତବରେ ଶିକ୍ଷକ ଶିକ୍ଷାର୍ଥୀକୁ ପ୍ରୟୋଗାତ୍ମକ ଓ ସ୍ଥୂଳ ଅନୁଭୂତି ଦେବା ଆବଶ୍ୟକ । ଏହା କେବଳ ବର୍ଣ୍ଣନା କରି ପଢ଼ାଇହୁଏ ନାହିଁ । ଶିକ୍ଷକଙ୍କ ପରୀକ୍ଷଣଗୁଡ଼ିକୁ ପ୍ରଦର୍ଶନ କରିବା ଆବଶ୍ୟକ । ଯଦି କୌଣସି ଯନ୍ତ୍ରପାତି ଓ ଉପକରଣ ଉପଲବ୍ଧ ନଥାଏ ଶିକ୍ଷକ ଉପଲବ୍ଧ ଥିବା ଉପକରଣ ସବୁର ଉନ୍ନତିକରଣ କରିବେ । ତେଣୁ ବିଜ୍ଞାନ ଶିକ୍ଷକଙ୍କୁ ସୃଜନଶୀଳ ହେବା ଉଚିତ୍ ଓ ଶିକ୍ଷଣକୁ ଫଳପ୍ରଦ କରିବା ପାଇଁ ବିଭିନ୍ନ ଜିନିଷକୁ ବ୍ୟବହାର କରି, ଶିକ୍ଷଣ ଉପକରଣ ପ୍ରସ୍ତୁତ କରିବେ । ଶିକ୍ଷକ ପରିବେଶରେ ଘଟୁଥିବା ଘଟଣାକୁ ମଧ୍ୟ ଦେଖିବେ ଯେଉଁଗୁଡ଼ିକ ବୈଜ୍ଞାନିକ ନିୟମକୁ ବର୍ଣ୍ଣନା କରିବାପାଇଁ ବ୍ୟବହାର କରିହେବ । ଏହାକୁ ଘଟଣାତ୍ମକ ଶିକ୍ଷଣ (incidental learning) କୁହାଯାଏ । ଯାହାର ବିଜ୍ଞାନ ଶିକ୍ଷଣରେ ବିଶେଷତ୍ୱ ରହିଛି । ବିଜ୍ଞାନ ଶିକ୍ଷକ ଉପଲବ୍ଧ ସମ୍ବଳକୁ ବ୍ୟବହାର ଓ ଯୋଜନା କରିବା ପାଇଁ ସୃଜନଶୀଳ ଓ ସାବଧାନ ହେବା ଉଚିତ୍ ।

ଜଣେ ଶିକ୍ଷକ ଭାବରେ ତୁମକୁ ଶିକ୍ଷାର୍ଥୀର ଚିନ୍ତାଧାରା, ଦକ୍ଷତା ଓ ମନୋବୃତ୍ତିକୁ ଖୋଜିବାକୁ ହେବ ଓ ସେହି ଜ୍ଞାନକୁ ସେମାନଙ୍କ ଦୈନନ୍ଦିନ ଅଭିଜ୍ଞତା ସହିତ ସଂଯୋଗ କରିବାକୁ ହେବ । ସେଥିରେ ମୂଲ୍ୟାୟନର ଉଚିତ୍ ଗଠନ ହୋଇପାରେ । ଶିକ୍ଷକ ଆନୁମାନିକ ପ୍ରଶ୍ନ (Probing question) ତିଆରି କରିବେ । ସେହିପରି ଶିକ୍ଷକ ଏମିତି ପରିସ୍ଥିତି ସୃଷ୍ଟି କରିବେ ଯେଉଁଠାରେ ଶିକ୍ଷାର୍ଥୀ ତାର ମନୋବୃତ୍ତିକୁ ପ୍ରଦର୍ଶନ କରିପାରିବ । ତେଣୁ ଏହି କ୍ଷେତ୍ରରେ ମୂଲ୍ୟାୟନ ପାଇଁ ଅନେକ ସମୟ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣ କରିବା ଆବଶ୍ୟକ । ଅନେକ ସମୟରେ ଶିକ୍ଷାର୍ଥୀ ପ୍ରଶ୍ନ କରେ ଯେ "କାହିଁକି, କାହିଁକି ନୁହେଁ ଓ କିପରି" ଏପରିକି ସମସ୍ୟା ସମାଧାନ କ୍ଷେତ୍ରରେ ଶିକ୍ଷାର୍ଥୀଙ୍କର ଚିନ୍ତାଧାରା ଓ ଦକ୍ଷତା ବିକଳ୍ପ ବ୍ୟବସ୍ଥାର ରାସ୍ତା ଦେଖାଇଥାଏ । ସେଥିପାଇଁ ମୂଲ୍ୟାୟନରେ ମୌଖିକ ପ୍ରଶ୍ନ, ଲିଖିତ ପ୍ରଶ୍ନ ଓ ପର୍ଯ୍ୟବେକ୍ଷଣକୁ ସମ୍ପୃକ୍ତ କରାଯାଇଥାଏ ।

ଏହା ଶିକ୍ଷଣରେ ଥିବା ସମସ୍ୟା ବିଷୟରେ ଜାଣିବାକୁ ସାହାଯ୍ୟ କରେ ଯେପରିକି କି ସେମାନେ ଏହାକୁ ସମାଧାନ କରିବେ ।

ଶିକ୍ଷଣ ଶିକ୍ଷାର୍ଥୀମାନଙ୍କୁ ଏଥିପାଇଁ ଚେକ୍‌ଲିଷ୍ଟ କିମ୍ବା ରେଟିଂସ୍କେଲ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ ଯାହା ସମୟାନୁବର୍ତ୍ତିତା, ନିୟମିତତା ଆଦି ଦିଗକୁ ସମ୍ପୃକ୍ତ କରେ ।

**ଶିକ୍ଷଣ କାର୍ଯ୍ୟ - ୯**

୧. ଯେକୌଣସି ବିଷୟରେ ତୁମ ଶିକ୍ଷାର୍ଥୀଦ୍ୱାରା ଆସିଥିବା ଆହ୍ୱାନମୂଳକ ପ୍ରଶ୍ନ / ଭାବନାର ତାଲିକା କର । ଶିକ୍ଷକ ଏହାକୁ କିପରି ସମାଧାନ କରୁଛନ୍ତି ଲେଖ ।

------------------------------------------------------------------------

------------------------------------------------------------------------

------------------------------------------------------------------------

--------------------------------

୨.ଶିକ୍ଷାର୍ଥୀର ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ଶିକ୍ଷଣ କାର୍ଯ୍ୟପ୍ରସ୍ତୁତ କର ଏବଂ ସେଥିପାଇଁ ଏକ ମୂଲ୍ୟାୟନ ଖସଡ଼ା ପ୍ରସ୍ତୁତ କର ।

------------------------------------------------------------------------

------------------------------------------------------------------------

------------------------------------------------------------------

## ୬.୧୧. ସାରାଂଶ

ଆମେ ଯାହା ଦେଖିଲେ ଜଣେ ବିଜ୍ଞାନ ଶିକ୍ଷକ ପାଇଁ ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ଜାଣିବା କାହିଁକି ଆବଶ୍ୟକ ଯାହାର ବିକାଶ ଦରକାର । ଏହି ତିନୋଟି ଦିଗ (ଜ୍ଞାନାତ୍ମକ, ଭାବାତ୍ମକ, କ୍ରିୟାତ୍ମକ) ର ଉପଯୁକ୍ତ ମୂଲ୍ୟାୟନ ନିହାତି ଆବଶ୍ୟକ ଏବଂ  ସେଥିପାଇଁ ଶିକ୍ଷକଙ୍କୁ ମୂଲ୍ୟାୟନ କଣ ଓ ଏହାକୁ କେଉଁ ଉପାୟରେ କରାଯାଇ ପାରିବ ଜାଣିବା ଉଚିତ୍ ।

ଜଣେ ଶିକ୍ଷକ ପ୍ରଦାନ କରୁଥିବା ଶିକ୍ଷାଦାନ – ଶିକ୍ଷଣ ଅନୁଭୂତି ଉପରେ ସହପାଠୀ ମୂଲ୍ୟାୟନ ଏକ ପ୍ରତିପୁଷ୍ଟି ରୂପେ କାର୍ଯ୍ୟ କରେ । ଏହା ଶୈକ୍ଷିକ ବିକାଶକୁ ଜାଣିବା ପାଇଁ ଶିକ୍ଷାର୍ଥୀ ଓ ପିତାମାତାଙ୍କୁ ସାହାଯ୍ୟ କରିଥାଏ । ବିଦ୍ୟାଳୟରେ ଯୋଜନା କରାଯାଉଥିବା କାର୍ଯ୍ୟଗୁଡ଼ିକର ଉପଯୋଗିତା ଓ କାର୍ଯ୍ୟକାରିତାକୁ ଜାଣିବା ପାଇଁ ଜଣେ ଅଧକ୍ଷଙ୍କ ପକ୍ଷେ ମୂଲ୍ୟାୟନ ଗୁରୁତ୍ୱପୂର୍ଣ୍ଣ ଅଟେ । ଉପଯୁକ୍ତ ମୂଲ୍ୟାୟନ ଦ୍ୱାରା ପାଠ୍ୟକ୍ରମ ପ୍ରସ୍ତୁତକାରୀ, ଗବେଷକମାନେ ଉପକୃତ ହୋଇଥାନ୍ତି । ତାଙ୍କ ଦ୍ୱାରା ଏକତ୍ରିତ ହୋଇଥିବା ତଥ୍ୟକୁ ପାଠ୍ୟକ୍ରମର ଉପଯୋଗିତାକୁ ବୁଝିବା ପାଇଁ ବ୍ୟବହାର କରାଯାଏ । ଏହା ପାଠ୍ୟକ୍ରମରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଓ ଉନ୍ନତି କରିବାରେ ସହାୟକ ହୋଇଥାଏ । ତୁମେ ବିଜ୍ଞାନ ଶିକ୍ଷଣର ଅସୁବିଧା ଓ ସମସ୍ୟାଗୁଡିକ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ପଢ଼ିବ ।

## ୬.୧୨ ମୁଖ୍ୟ ବିନ୍ଦୁ

୧. ପରୀକ୍ଷଣ ହେଉଛି ଏକ ସାଧନୀ ଯାହାକୁ ଶିକ୍ଷାର୍ଥୀର ଉପଲବ୍ଧି ସ୍ତର ମାପିବାକୁ ବ୍ୟବହାର କରାଯାଏ କିନ୍ତୁ ଏହା ମୂଲ୍ୟାୟନ ସହିତ ସମାନ ନୁହେଁ ।

୨. ମୂଲ୍ୟାୟନ ଏକ ନିରନ୍ତର ଓ ସାମଗ୍ରିକ ପ୍ରକ୍ରିୟା ଯାହା ଗୁଣାତ୍ମକ, ପରିମାଣାତ୍ମକ  ଓ ମୂଲ୍ୟବୋଧର ବିଚାରକୁ ସମ୍ପୃକ୍ତ କରେ ।

୩. ଶିକ୍ଷାର ଅର୍ଥ ହେଲା ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଯାହା ସମସ୍ତ ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗକୁ ସମ୍ପୃକ୍ତ କରେ ।

୪. ଉଦ୍ଦେଶ୍ୟ, ପ୍ରସଙ୍ଗ, ଶିକ୍ଷଣ ଅନୁଭୂତି ଓ ମୂଲ୍ୟାୟନ ପରସ୍ପର ପରିପୂରକ ।

୫. ଆଭ୍ୟନ୍ତରୀଣ ମୂଲ୍ୟାୟନ ହେଉଛି ତାହା ଯାହା ପଢ଼ାଇଥିବା ଶିକ୍ଷକଙ୍କ ଦ୍ୱାରା କରାଯାଇଥାଏ ।

୬. ଗଠନମୂଳକ ମୂଲ୍ୟାୟନ ଓ ସମାପ୍ତିସୂଚକ ମୂଲ୍ୟାୟନ ପରସ୍ପର ପରିପୂରକ ।

୭. ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟାକୁ 'ଶିକ୍ଷଣ କୈନ୍ଦ୍ରିକ କାର୍ଯ୍ୟ' ରେ ପରିଣତ କରେ ।

୮. ଶିକ୍ଷଣରେ ଅସୁବିଧାକୁ ଦୂର କରିବା ପାଇଁ ନିଦାନାତ୍ମକ ପରୀକ୍ଷଣ ବ୍ୟବହାର କରାଯାଏ ଯାହାପାଇଁ ପ୍ରତିକାରାତ୍ମକ ଶିକ୍ଷାଦାନ କରାଯାଏ ।

୯. ନିରନ୍ତର ବିକାଶ ନିମନ୍ତେ ଏବଂ ଶିକ୍ଷଣ ଅନୁଭୂତିର କାର୍ଯ୍ୟକାରିତା ଜାଣିବା ପାଇଁ ଶିକ୍ଷକଙ୍କୁ ସ୍ୱ- ଆକଳନ କରିବାକୁ ପଡ଼ିଥାଏ ।

ଟିପ୍ପଣୀ

୧୦. ଉତ୍ତମ ଶିକ୍ଷଣ ନିମିତ୍ତ ବିଶ୍ଳେଷଣାତ୍ମକ କୌଶଳର ବିକାଶ ପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ସ୍ୱ - ମୂଲ୍ୟାୟନ କରିବା ପାଇଁ ଓ ଉତ୍ସାହିତ ଓ ମାର୍ଗଦର୍ଶନ କରିବା ଉଚିତ୍ ।

## ୬.୧୩ ପରିଭାଷା / ସଂକ୍ଷେପଣ

୧. ଜ୍ଞାନାତ୍ମକ ବିକାଶ - ବୌଦ୍ଧିକ ବିକାଶ (ମସ୍ତିଷ୍କର ବିକାଶ)

୨. ଭାବାତ୍ମକ ବିକାଶ - ଆବେଗିକ ବିକାଶ (ହୃଦୟର ବିକାଶ)

୩. ମନୋକ୍ରିୟାତ୍ମକ ବିକାଶ - ଶାରୀରିକ ବିକାଶ (ହାତ ଓ ଶରୀରର ଅଂଶର ବିକାଶ)

୪. ଶିକ୍ଷଣ ଉଦ୍ଦେଶ୍ୟର ବର୍ଗୀକରଣ - ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକୁ କ୍ରମରେ ସଜ୍ଜୀକରଣ ।

୫. ଗଠନମୂଳକ ମୂଲ୍ୟାୟନ - ମୂଲ୍ୟାୟନ ଯାହା ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ଚାଲୁଥିବାବେଳେ କରାଯାଏ ।

୬. ସମାପ୍ତିସୂଚକ ମୂଲ୍ୟାୟନ - ମୂଲ୍ୟାୟନ ଯାହା ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ଶେଷରେ କରାଯାଏ ।

୭. ଆଭ୍ୟନ୍ତରୀଣ ମୂଲ୍ୟାୟନ - ଯେଉଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପାଠ ପଢ଼ାଇଥିବେ ତାଙ୍କ ଦ୍ୱାରା ମୂଲ୍ୟାୟନ କରାଯାଏ ।

## ୬.୧୪ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- CCEAgrwal, J.C.(1997), Essentials of Examination System, Vikas Publishing House, Noida.
- Bhatia, K.K, Measurement and Evaluation in Education, Parkash Brothers, Ludhiana,
- Blood, D.F. and Budd, W.C. (1972), Educational Measurement and Evaluation, Harper and Row Publishers, New York.
- Bloom, B.S. (1979), Taxomony of Educatinal Objectives, Book - 1, Cognitive Domain, Longman group, London.
- Patel, R.N. (2007), Educational Evaluation - Theory & Practice, Himalaya Publishing House Mumbai.
- http: //www. Scribd. com/doc/933640/BloomRevised.


## ୬.୧୫. ପାଠାନ୍ତ ପ୍ରଶ୍ନାବଳୀ

୧. ଯେକୌଣସି ଶ୍ରେଣୀର ଏକ ପ୍ରସଙ୍ଗ ବାଛ । ଏହି ପ୍ରସଙ୍ଗ ଆଧାରିତ ୫ଟି ଗଠନାତ୍ମକ ଓ ୧ଟି ସମାପ୍ତିସୂଚକ ପରୀକ୍ଷଣ ପ୍ରଶ୍ନ ପ୍ରସ୍ତୁତ କର ।

୨. ସପ୍ତମ ଶ୍ରେଣୀରେ ପ୍ରସଙ୍ଗଟିଏ ଶିକ୍ଷାଦାନ କରିବା ପାଇଁ ଜ୍ଞାନ, ବୋଧ, ପ୍ରୟୋଗ, କୌଶଳ ଓ ମନୋବୃତ୍ତି ଓ ଦକ୍ଷତାକୁ ନେଇ ପ୍ରତ୍ୟେକରୁ ଦୁଇଟି ଶିକ୍ଷଣ ଉଦ୍ଦେଶ୍ୟ ପ୍ରସ୍ତୁତ କର ।